● ଭୁଲିଗଲେ ମାନବିକତା

## ମାଙ୍କଡ଼ ମାରି ଖୁଣ୍ଟରେ ଝୁଲାଇଦେଲେ

କବିସୂର୍ଯ୍ୟନଗର,୭ ।୧(ସମିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ତଥା ପୋଲସରା ରେଞ୍ଜ ଅଧିନ ଗୋବିନ୍ଦପୁର ଗ୍ରାମରେ ଏକ ଅମାନବୀୟ ଘଟଣା ଦେଖିବାକୁ ମିଳିଛି । ଗୋଟିଏ ନିରିହ ମାଙ୍କଡକୁ ମାରି ଚାଷ ଜମିରେ ଥିବା ଗୋଟିଏ ଖୁଣ୍ଟରେ ଝୁଲାଇ ଦିଆଯାଇଛି । ତେବେ ଅଞ୍ଚଳରେ ମାଙ୍କଡ଼ ଉପଦ୍ରବ ଲାଗିରହିଥିବା ବେଳେ ଗୋଟିଏ ନିରୀହ ପ୍ରାଣୀଙ୍କୁ ମାରି କିଏ ଓ କାହିଁକି ଖୁଣ୍ଟରେ ଝୁଲାଇଛି ତାହାର ଜଣାପଡିନାହିଁ । ବୋଧେ ଫସଲ ନଷ୍ଟ କରୁଥିବା ହେତୁ ଏଭଳି କ୍ରୁରତା ଦେଖିବାକୁ ମିଳିଥିବା କୁହାଯାଉଛି । ଗୋବିନ୍ଦପୁର ଗ୍ରାମର ଜଗନ୍ନାଥ ସ୍ୱାଇଁଙ୍କ ଜମିରେ ମୃତ ମାଙ୍କଡ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଛି । ଖବରପାଇ ବନ ବିଭାଗର ଅଧିକାରୀ ପହଁଚି ମୃତ ମାଙ୍କଡକୁ ଉଦ୍ଧାର କରିଛନ୍ତି । ତେବେ ଏହି ଘଟଣାକୁ ନେଇ ସାଧାରଣରେ ନିନ୍ଦା କରାଯାଇଛି ।

## ଘର ଉପରେ ବିପଦସଂକୁଳ ବିଦ୍ୟୁତ୍ ତାର

କୋଦଳା,୮ ।୧(ସମିସ): ଘର ଉପରେ ଝୁଲୁଛି ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର । ବିଜୁଳି ତାର ଘର ଉପରେ ଯାଇଥିବାରୁ ଅର୍ଦ୍ଧ ନିର୍ମିତ ଘର କାମ ଆଉ ଆଗକୁ ଯାଇ ପାରୁନି । ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ତୋଟାପଡ଼ା ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି । ଗାଁର ଲକ୍ଷ୍ମୀ ଦାସ ପରିବାର ସହ ଦୀର୍ଘ ବର୍ଷ ଧରି ଏଠାରେ ବାସ କରନ୍ତି । ବାହାର ରାଜ୍ୟକୁ କାମ କରିବାକୁ ଯାଇ କିଛି ଅର୍ଥ ରୋଜଗାର କରି ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘରଟିଏ କରିବାକୁ ଗଲାବଳେ ବିଦ୍ୟୁତ ତାର ଯୋଗୁଁ ଘର କାନ୍ଥ ଆଉ ଆଗକୁ ବଢି ପାରୁନି । ଅଧାରୁ ବନ୍ଦ ହୋଇ ଯାଇଛି । କାରଣ ଆଉ ଅଧିକ କାନ୍ଥ ଉଠାଇଲେ ବିଦ୍ୟୁତ ତାରର ଡର । ଏଠାରୁ ଯାଇଥିବା ବିଦ୍ୟୁତ ତାରକୁ ହଟାଇ ଅନ୍ୟ ପଟେ ନେବାକୁ ଦାବି କରିଛନ୍ତି ପରିବାର ଲୋକେ । ସ୍ଥାନୀୟ ଟାଟା ପାୱାର ବିଭାଗ ଯନ୍ତ୍ରୀ ଘଟଣାସ୍ଥଳକୁ ଯାଇ ଏହି ତାରକୁ କିପରି ଅନ୍ୟତ୍ର ପଟେ ନିଆଯିବ ସେନେଇ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି ।



## ଧର୍ମପରାୟଣ ମହିଳାଙ୍କ ପରଲୋକ

ଛତ୍ରପୁର,୮ ।୧(ସମିସ): ଛତ୍ରପୁର ରିକାପଲ୍ଲୀ ମେନରୋଡ୍ ସାହିର ଜଣେ ଧର୍ମପରାୟଣ ମହିଳା ତଥା ଜିଲ୍ଲାପାଳଙ୍କ ବାସଭବନରେ କାର୍ଯ୍ୟରତ ରେସ୍ ଷ୍ଟୋନୋ ବି.ଭି.ରାମମୋହନ ରାଓଙ୍କ ମା' ବି.ବିଜୟଲକ୍ଷ୍ମୀ ରାଓ(୮୦)ଙ୍କ ପରଲୋକ ଘଟିଛି । ସେ ଜଣେ ଧର୍ମପରାୟଣ, ପରୋଉପକାରୀ, ମୋଳାପି ମହିଳା ଭାବେ ଜଣାଶୁଣା ରହିଥିଲେ । କିଛିଦିନ ହେଲା ଅସୁସ୍ଥ ଥିବାବେଳେ ଗୁରୁବାର ତାଙ୍କ ବାସଭବନ ରିକାପଲ୍ଲୀ ଠାରେ ମୃତ୍ୟୁ ଘଟିଥିଲା । ମୃତ୍ୟୁ ଶଯ୍ୟା ନିକଟରେ ବଡ଼ ପୁଅ ବି. ଭି. ରାମମୋହନ, ମଝିଆ ପୁଅ ବେଣୁଗୋପାଳ ଓ ସାନ ପୁଅ ଶ୍ରୀନିବାସ, ଦୁଇ ବୋହୂ, ଦୁଇ ଝିଅ, ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ପାଲିଆଛତ୍ରପୁର ସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

ବ୍ୟବହାର ହେଉନି କର୍ମଜୀବୀ ମହିଳା ନିବାସ

# ଖାଲିପଡ଼ିଛି ୪.୨୯ କୋଟିର କୋଠା

କୁକୁଡାଖଣ୍ଡି,୮ ।୧(ସମିସ)



କର୍ମଜୀବୀ ମହିଳା ମାନଙ୍କ ରହିବା ନିମନ୍ତେ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଆଙ୍କୁଶପୁର ପଞ୍ଚାୟତର ୧୧ ଏକର ଜମିରେ ୪କୋଟି ୨୯ଲକ୍ଷ ଟଙ୍କା ବ୍ୟୟରେ ୨୦୨୩ରେ ୧୦୧ ଶଯ୍ୟା ବିଶିଷ୍ଟ ଏକ ହଷ୍ଟେଲ ଇଡ୍କୋ ତରଫରୁ ନିର୍ମାଣ କରାଯାଇଥିଲା । ୨୦୨୪ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇ ଏହାକୁ ନିର୍ଦ୍ଦିଷ୍ଟ ବିଭାଗକୁ ହସ୍ତାନ୍ତର କରାଯାଇଛି । କିନ୍ତୁ ବିଡ଼ମ୍ବନାର ବିଷୟ ଏହିକି ଯେ ଆଜି ପର୍ଯ୍ୟନ୍ତ ଏହି ବ୍ୟୟ ବହୁଳ କର୍ମଜୀବୀ ମହିଳା ନିବାସ ଅବ୍ୟବହୃତ ହୋଇ ପଡ଼ିରହିଛି । ପୂର୍ବରୁ ବ୍ରହ୍ମପୁର ଜିଲ୍ଲା ଜଜ୍ ବାସଭବନ ନିକଟରେ ୧୯୯୦ରେ କର୍ମଜୀବୀ ମହିଳାଙ୍କ ଲାଗି ସେତେବେଳର ବ୍ରହ୍ମପୁର ପୌରପାଳିକା ପକ୍ଷରୁ ୪୨ ଶଯ୍ୟା ବିଶିଷ୍ଟ ଏକ କର୍ମଜୀବୀ ମହିଳା ନିବାସ ନିର୍ମାଣ କରାଯାଇଥିଲା । ଯାହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ତେବେ ସରକାରୀ ଓ ବେସରକାରୀ ଅଫିସ ସଂଖ୍ୟା ବୃଦ୍ଧି ସହ ମହିଳା କର୍ମଚାରୀଙ୍କ ବୃଦ୍ଧିକୁ ଦୃଷ୍ଟିରେ ରଖି ଆଙ୍କୁଶପୁର ପଞ୍ଚାୟତରେ ନୂତନ ରୂପେ କର୍ମଜୀବୀ ମହିଳା ନିବାସ ନିର୍ମାଣ କରାଯାଇଛି । କିନ୍ତୁ ଏହା ବ୍ରହ୍ମପୁର ସହର ଠାରୁ ପାଞ୍ଚ କିଲୋମିଟର ଦୂର ଓ ପାଣିର ଅଭାବ ଥିବାରୁ ସମ୍ପୃକ୍ତ ବିଭାଗ ପକ୍ଷରୁ ଦୁଇଦୁଇ ଥର ବିଭିନ୍ନ ଅଫିସକୁ ବିଜ୍ଞାପନ ଦିଆଯାଇଥିଲେ ମଧ୍ୟ କୌଣସି ମହିଳା କର୍ମଚାରୀ ଆସିବାକୁ ଅମଙ୍ଗ ହେଉଛନ୍ତି । ତେଣୁ ୪ କୋଟି୨୯ ଲକ୍ଷ ଟଙ୍କା ଖର୍ଚ୍ଚ ବିଶିଷ୍ଟ ଏହି ନିବାସ ଏବେ ଅଲୋଡ଼ା ହୋଇପଡ଼ିରହିଛି । ଏହା ଭିତରେ ଲାଗିଥିବା ଥଣ୍ଡା ପାଣି ଯୋଗାଇବା ମେସିନ ସହ ପଙ୍ଖା ଓ ବହୁ ଆସବାବପତ୍ର ଅବ୍ୟବହୃତ ହୋଇ ପଡ଼ିରହିଛି । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପ୍ରଶାସନିକ ଅବହେଳା ଓ ଠିକ୍ ସମନ୍ୱୟ ଅଭାବରୁ ଏହି ପ୍ରକଳ୍ପ ଲକ୍ଷ୍ୟରୁ ବଞ୍ଚିତ ହେଉଛି । ଯଦି ଶୀଘ୍ର ପଦକ୍ଷେପ ନ ନିଆଯାଏ ତେବେ କୋଟି କୋଟି ଟଙ୍କାରେ ନିର୍ମିତ ଏହି ମହିଳା ନିବାସ ଜରାଜୀର୍ଣ୍ଣ ହୋଇଯିବାର ଆଶଙ୍କା ରହିଛି । ତେଣୁ ଯଥାଶୀଘ୍ର ଏହି କର୍ମଜୀବୀ ମହିଳା ନିବାସକୁ କାର୍ଯ୍ୟକ୍ଷମ କରାଯାଉ ଓ ମହିଳାମାନଙ୍କ ପାଇଁ ସୁରକ୍ଷିତ ରହିବା ବ୍ୟବସ୍ଥା ନିଶ୍ଚିତ କରାଯାଉ । ଅପରପକ୍ଷେ ବର୍ତ୍ତମାନ ସରକାରଙ୍କ ବିଜ୍ଞପ୍ତି ପ୍ରକାରେ ଅଙ୍କୁଶପୁର ପଞ୍ଚାୟତକୁ ବ୍ରହ୍ମପୁର ମହାନଗର ନିଗମ ସହ ମିଶ୍ରଣ କରାଯାଇଛି । ଫଳରେ ଏହା ବ୍ରହ୍ମପୁର ମହାନଗର ନିଗମ ପରିସରରେ ଆସୁଅଛି ।

ତେଣୁ ପୁଣି ବିଭିନ୍ନ ବିଭାଗକୁ ବିଜ୍ଞାପନ ମାଧ୍ୟମରେ ଡକାଯିବ ଓ ମହିଳା ମାନେ ଯିବା ଆସିବା କରିବା ନିମନ୍ତେ ସ୍ୱତନ୍ତ୍ର ବସ ସହ ବିଭିନ୍ନ ସୁବିଧା ଯୋଗାଇ ଦିଆଯିବ । ଫଳରେ କର୍ମଜୀବୀ ମହିଳା ମାନେ ରହିବାକୁ କୁଣ୍ଠାବୋଧ କରିବେ ନାହିଁ ଏବଂ ଏହି କର୍ମଜୀବୀ ମହିଳା ନିବାସକୁ ଅତିଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ସିକେ କହିଛନ୍ତି ।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ




କୋଦଳା,୮ ।୧(ସମିସ): ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ କୋଦଳା ତାଲୁକା ଆଇନ ସେବା କମିଟି ଆନୁକୂଲ୍ୟରେ ନିଶା ନିବାରଣ ଏବଂ ସୁସ୍ଥ ଜୀବନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲା ଦୌରାଜଜ ବିଶ୍ୱରଞ୍ଜନ ବେହେରା ସଭାପତିତ୍ୱ କରି ନିଶା ସେବନ ମାନବ ସମାଜ ପାଇଁ ଗୋଟିଏ ବ୍ୟାଧି, ଭବିଷ୍ୟତ ଗଠନ ନିମନ୍ତେ ନିଶାରୁ ଦୂରେଇ ରହିବା ଓ ପୁସ୍ତକ ପଠନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶୋଭନ ପଣ୍ଡା, ମହାବିଦ୍ୟାଳୟର ଅଧକ୍ଷ ରଘୁନାଥ ମୁଦୁଲି ଉପସ୍ଥିତ ଥିଲେ । ଏପିପି ସୁବାଷ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ବରିଷ୍ଠ ଆଇନଜୀବୀ ଜମିର ଅଲି ଖାନ, ପ୍ରଫୁଲ୍ଲ କୁମାର ମିଶ୍ର, ଭଗବାନ ହୋତା, ସାଧାରଣ ସମ୍ପାଦକ କୋଦଳା ଓକିଲ ସଂଘ ଭାସ୍କର ସ୍ୱାଇଁ, ଉପ ସଭାପତି ଅବନୀ ଶଙ୍କର ମିଶ୍ର, ଆଇନଜୀବୀ ମୀରାବାଇ ଦେଓ, ଆଇନଜୀବୀ ସଦସ୍ୟ ମାନସ ମିଶ୍ର, ନୀଳମଣି ପଣ୍ଡା, ଶଙ୍କର ପାଣିଗ୍ରାହୀଙ୍କ ସମେତ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ରଞ୍ଜୁବାଳା ନନ୍ଦ, ଏକାଡେମିକ ବର୍ସର ଅଧ୍ୟାପକ ବିନୋଦ ମିଶ୍ର, ଆକାଉଣ୍ଟ ବର୍ସର ଅଧ୍ୟାପକ ସାଗର ଚାନ୍ଦ ପାତ୍ରଙ୍କ ସମେତ ସମସ୍ତ ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ, ପୁରାତନ ଛାତ୍ର ତଥା ସାମ୍ବାଦିକ ସୂର୍ଯ୍ୟନାରାୟଣ ବଡ୍ଡୁ, କୋର୍ଟ କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ଇତିହାସ ବିଭାଗ ଅଧ୍ୟାପକ ସପନ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁଲିସର ସଡ଼କ ସୁରକ୍ଷା ସଚେତନତା

ଜଗନ୍ନାଥପ୍ରସାଦ,୮ ।୧(ସମିସ): ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ସୁରକ୍ଷିତ ପରିବହନ ପାଇଁ ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ସ୍ଥାନୀୟ ଥାନା ଅଧୀନ ବିଡ଼ିପୁର, ଗଣ୍ଡାଧାର, ଜଗନ୍ନାଥପ୍ରସାଦ ମୁଖ୍ୟ ବଜାର ସମେତ ପଞ୍ଚୁଭୂତି ବଜାରରେ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ବାଇକ ଆରୋହୀ, ଚାରି ଚକିଆ ଯାନ, ଭାରି ଯାନ ମାନଙ୍କୁ ଅଟକାଇ ହେଲମେଟ ପିନ୍ଧିବା ଏବଂ ସିଟ ବେଲ୍ଟ ପିନ୍ଧିବା ପାଇଁ ପରାମର୍ଶ ଦେବା ସହ ଗୋଲାପ ଫୁଲ ଦେଇ ସଚେତନତା କରାଇଛନ୍ତି । ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ କରି ନିଜ ଜୀବନ ସହ ଅନ୍ୟ ମାନଙ୍କ ଜୀବନକୁ ବିପଦରେ ପକାନ୍ତୁ ନାହିଁ ବୋଲି ଯାତ୍ରୀଙ୍କୁ କହିଛନ୍ତି । କାର୍ଯ୍ୟକ୍ରମରେ ଏସଆଇ ଜ୍ୟୋତିରଞ୍ଜନ ସାହୁ, ଏଏସଆଇ ସୁକାନ୍ତି ଦେଇ, ହାବିଲଦାର ଦିଲ୍ଲୀପ କୁମାର ରଣା, ତ୍ରିନାଥ ନାୟକ, ପ୍ରକାଶ ପାଟମାଝି, ମହେଶ୍ୱର ନାୟକ, ପ୍ରେମଲତା ଜେନା, ଗୃହରକ୍ଷୀ ଦୀପାଳି ମହାନ୍ତି, ସୌଜନ ନାୟକ, ରଂଜିତ ରାଉତ, ସାମ୍ବାଦିକ ଚିତ୍ତରଞ୍ଜନ ଗନ୍ତାୟତ, ଚନ୍ଦ୍ରକେତୁ ରାଉତ, ଧବଳେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।




## ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ନ୍ୟାସର ପ୍ରତିଷ୍ଠା ଦିବସ



ବୁଗୁଡ଼ା,୮ ।୧(ସମିସ): ବୁଗୁଡ଼ା ମା' ମାଳିଖୋଲା ଶକ୍ତିପୀଠ ପରିସରରେ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ନ୍ୟାସ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ ସହ ଅଷ୍ଟମ ଶିକ୍ଷକ ସୌରଭ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ବିଶ୍ୱମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ୧୮ ଜଣ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧ କେ.ନୀଳମାଧବ ଆଚାରୀ ଯୋଗ ଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କ ଆଶୀର୍ବାଦ କାମନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ସାହୁ, ଭାସ୍କର ମହାରଣା, ଦଣ୍ଡପାଣି ଗୌଡ଼, କାଳି ଚରଣ ଦାଶ, ରାଜକୁମାରୀ ପଟ୍ଟନାୟକ, ରମେଶ ଚନ୍ଦ୍ର ବେହେରା, ହୃଷୀକେଶ ମିଶ୍ର, ପ୍ରକାଶ ଚନ୍ଦ୍ର ରଥ, ସୁରେଶ ଚନ୍ଦ୍ର ଦାଶ, ଉମା ଚରଣ ଦାଶ, କାଳିଚରଣ ତ୍ରିପାଠୀ, ନିରଞ୍ଜନ ସ୍ୱାଇଁ, ବିଶ୍ୱ ମୋହନ ମିଶ୍ର, ବିପିନ ବିହାରୀ ପଟ୍ଟନାୟକ, ଧ୍ରୁବ ଚରଣ ପାଣିଗ୍ରାହୀ, କମଳ କୁମାରୀ ମିଶ୍ର, ବିମ୍ବାଧର ତ୍ରିପାଠୀ, ଦିବାକର ସାମନ୍ତରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବଂଶୀଧର ଦାଶ ବେଦପାଠ, ଯୁଗ୍ମସମ୍ପାଦକ ଗୌରୀପତି ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଏବଂ ସାଧାରଣ ସମ୍ପାଦକ ହରେକୃଷ୍ଣ ପାତ୍ର ବିବରଣୀ ପାଠ କରିଥିଲେ ।

## 'ପିତା, ମାତା ଓ ଗୁରୁଙ୍କୁ ଶ୍ରଦ୍ଧା ସମ୍ମାନ କର'

ଛତ୍ରପୁର, ୮ ।୧(ସମିସ): ଗୁରୁଜନ ଏବଂ ଗରିବ ଲୋକଙ୍କୁ ମୁହଁ ଫୁଟାଇ ତାଙ୍କୁ ସମ୍ମାନ ଜଣାଇ ଏକ ନିଆରା ଢ଼ଙ୍ଗରେ ପାଳନ କରିଛି ବିଶ୍ୱେଶ୍ୱରୀ ସେବା ସଂଗଠନ । ଛତ୍ରପୁର ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ର ନଗର ଡିହ ଗ୍ରାମ ଛକରେ ଗ୍ରାମର ବିଶ୍ୱେଶ୍ୱରୀ ସେବା ସଂଗଠନ ଆନୁକୂଲ୍ୟରେ ଆବାହକ ତଥା ଯୁବ ସଂଗଠକ ଅବନୀ ଶତପଥୀଙ୍କ ନେତୃତ୍ୱରେ ଶ୍ରୀନୀଳକଣ୍ଠେଶ୍ୱର ସେବା ନିବୃତ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହିତ ଶତାଧିକ ଗରିବ ଲୋକଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି । ଆୟୋଜିତ ସମାବେଶରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିତା, ମାତା ତଥା ବରିଷ୍ଠ ମାନଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଇ ଋଣ ପରିଶୋଧ କଲେ ସମସ୍ତଙ୍କର ମଙ୍ଗଳ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି । ଏହା ସହ କଂଗ୍ରେସର ପୂର୍ବ ଇତିହାସ ସ୍ମରଣ କରି କଂଗ୍ରେସ ହିଁ ଦେଶ ଓ ରାଜ୍ୟକୁ ସୁଶାସନ ଦେଇ ପାରିବ ବୋଲି କହିଥିଲେ । ଅବସରପ୍ରାପ୍ତ ବରିଷ୍ଠ ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ସମାବେଶରେ ଶିକ୍ଷକ ନେତା କାମରାଜୁ ମହାରଣା, ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା, ସମାବେଶର ମୁଖ୍ୟ ଆୟୋଜକ ସମାଜ ସେବୀ ଅବନୀ କୁମାର ଶତପଥି ଯୋଗଦେଇ ପିତା ମାତା ଭଗବାନ ସଦୃଶ ବୋଲି ମତ ବ୍ୟକ୍ତ କରିଥିଲେ । ପୂର୍ବତନ ସରପଞ୍ଚ ପ୍ରକାଶ ଚନ୍ଦ୍ର ବିଷୋୟୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅନ୍ତର୍ଯ୍ୟାମୀ ଶତପଥୀ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେ. ଟି. ଏନ. ପୁର ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରହରି ପ୍ରଧାନ, ବାବୁଚରଣ ଶତପଥୀ, ସେବା ନିବୃତ୍ତ ସଂଘ ସଭାପତି ଶିଶିର କୁମାର ଶତପଥି, ସମ୍ପାଦକ ସୁରେନ୍ଦ୍ର ବେହେରା, ପତିତପାବନ ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ବହୁ ବରିଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶତାଧିକ ଗରିବ ଲୋକଙ୍କୁ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଜେନା ଓ ଅବନୀ ଶତପଥି ଶୀତ ବସ୍ତ୍ର ବଣ୍ଟନ କରିଥିଲେ । ପ୍ରାରମ୍ଭରେ ବିଧାୟକ ଶ୍ରୀ ଜେନାଙ୍କୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ମାଧ୍ୟମରେ ମଞ୍ଚ ନିକଟକୁ ପାଛୋଟି ନିଆଯାଇଥିଲା । ତାଙ୍କ ପ୍ରଶଂସକ ଏବଂ ସମର୍ଥକ ମାନେ ସେଲଫି ଉଠାଇବା ସହ ହାତ ମିଶାଇ ଖୁସି ଜାହିର କରିଥିଲେ ।



## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ



କୁକୁଡାଖଣ୍ଡି,୮ ।୧(ସମିସ): ବ୍ରହ୍ମପୁର କ୍ଷୁଦ୍ର ଜଳସେଚନ ବିଭାଜନ (୧)ଗଞ୍ଜାମ ଆନୁକୂଲ୍ୟରେ ମହୁରୀକାଲୁଆ ମନ୍ଦିର ପ୍ରାଙ୍ଗଣରେ ବୁଧବାର ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । ଅଧୀକ୍ଷଣ ଯନ୍ତ୍ରୀ ଅମୀୟ କୁମାର ମୁଦାଲୀ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଚୌଧୁରୀ ମଞ୍ଚାସୀନ ଥିଲେ ।

ସୁଧାକର କୁମାର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଦକ୍ଷିଣାଞ୍ଚଳ ମଣ୍ଡଳ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବିଷ୍ଣୁପ୍ରିୟା ପାତ୍ର, ଭାରପ୍ରାପ୍ତ ଅଧକ୍ଷ କୁକୁଡାଖଣ୍ଡି ବ୍ଲକ ପ୍ରଶାନ୍ତକୁମାର ନାଥ, କୃଷି ନିର୍ଦ୍ଦେଶକ ସୁବ୍ରତ କୁମାର ବାରିକ, ଗୋଷ୍ଠୀ କୃଷି ଅଧିକାରୀ ରଘୁ ପ୍ରସାଦ ପାତ୍ର, ଆତ୍ମା ଅଧକ୍ଷ କୁକୁଡାଖଣ୍ଡି ରାମକୃଷ୍ଣ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ବ୍ରହ୍ମପୁର ବିନ୍ଦୁ ସାଗର ପାଣ୍ଡେ, ସହକାରୀ ନିର୍ବାହୀ ଯନ୍ତ୍ରୀ ହିଞ୍ଜିଳି ହିମାଂଶୁ ଶେଖର ଦାସ, ସହକାରୀ ଯନ୍ତ୍ରୀ ବ୍ରହ୍ମପୁର କଳ୍ପତରୁ ସ୍ୱାଇଁ, ପାଣି ପଞ୍ଚାୟତ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ସରପଞ୍ଚ ଝିଲି ସେଠୀ, ପ୍ରତିମା ମଳିକ ସମିତିସଭ୍ୟ ରାଜିତ କୁମାର ପାତ୍ର ସଭାପତି, ବୃନ୍ଦାବନ ଖଟେଇ, ରବୀନ୍ଦ୍ର ପାଢ଼ୀ ସଭାପତି ରାମଗଡ ସହଯୋଗ କରିଥିଲେ । ମହୁରୀ କାଲୁଆ ପାଣି ପଞ୍ଚାୟତର ସଭାପତି ଗୋବିନ୍ଦ ଚନ୍ଦ୍ର ଗୌଡ଼, ସମ୍ପାଦକ ମଦନ ସାହୁ ପ୍ରମୁଖ ଯୋଗଦେଇ ପାଣି ପଞ୍ଚାୟତର ବିଭିନ୍ନ ଉପଦେୟତା ସମ୍ପର୍କରେ ଆଲୋଚନା କରିଥିଲେ ।

## ଜନବସତି ମୁହାଁ ହାତୀପଲ

ସାନଖେମୁଣ୍ଡି,୮ ।୧(ସମିସ): ଜନ ବସତିମୁହାଁ ହେଉଛି ହାତୀ ପଲ । ସଞ୍ଜ ନଇଁଲେ ଗାଁ ମୁହାଁ ହେଉଛନ୍ତି । ଦୀର୍ଘ ଏକ ମାସରୁ ଊର୍ଦ୍ଧ ସମୟ ହେଲା ଦିଗପହଣ୍ଡି ରେଞ୍ଜ ପାଟପୁର ସେକ୍ସନରେ ହାତୀ ପଲ ଉପଦ୍ରବ କରି ଆସୁଥିବା ବେଳେ ବୁଧବାର ଆମ୍ବଗାଁରେ ଚାରି ଟିକିଆ ହାତୀ ପଲ ବ୍ୟାପକ ଫସଲ ନଷ୍ଟ କରିବା ସହ ଚାଷୀର ଘର ବାରି ପଟେ ଅଖାରେ ଥିବା ଧାନ ଫସଲ ନଷ୍ଟ କରିଛନ୍ତି । ପାଟପୁର ଫରେଷ୍ଟର ଏବଂ ବନ ବିଭାଗ ଟିମ ଘଟଣା ସ୍ଥଳରେ ପହଞ୍ଚି ଛାନ ଭିନ କରୁଥିବା ବେଳେ ଧାନ ଅମଳ ସମୟ ଏବଂ ପରିବା ଅମଳ ସମୟେ ଚାରି ଟିକିଆ ହାତୀ ପଲ ଏ ଗାଁରୁ ସେ ଗାଁ ବୁଲିବୁଲି ଚାଷୀଙ୍କ କ୍ଷତି କରୁଥିବା ଦେଖିବାକୁ ମିଳିଛି । ହାତୀ ପଲ ଦିନରେ ଗୌଡ଼ ଗୌଡୁଣୀ ପାହାଡ଼ରେ ରହୁଥିବା ବେଳେ ଖାଦ୍ୟ ପାନୀୟ ଅନୁସନ୍ଧାନରେ ଜନ ବସତି ମୁହାଁ ହାତୀ ପଲ ସାନଖେମୁଣ୍ଡି ଅଞ୍ଚଳବାସୀ ଆତଙ୍କିତ ହୋଇଛନ୍ତି ।

## ରେଳ ଲାଇନ ପାର୍ଶ୍ୱରୁ ମହିଳାଙ୍କ ମୃତଦେହ ଉଦ୍ଧାର

ରମ୍ଭା,୮ ।୧(ସମିସ): ରମ୍ଭା ମିଞ୍ଚିନି ପାଟଣା ଦକ୍ଷିଣ ପୂର୍ବ କେବିନ ପାଶ୍ୱର୍ ରେଳ ଲାଇନରୁ ଜଣେ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି । ମହିଳା ଜଣକ କୌଣସି କାରଣରୁ ଚଳନ୍ତା ଗାଡିରେ ଚଢ଼ି ରେଳ ଲାଇନରେ ଲୁଗା ଗୁଡ଼ାଇ ହୋଇ ପଡ଼ିରହିଥିବା ସାଧାରଣ ସନ୍ଦେହ ସୃଷ୍ଟି କରିଛି । ତେବେ ମୃତ ମହିଳାଙ୍କ ପରିଚୟ ମିଳିପାରିନି ।




# ମତ୍ସ୍ୟଜୀବୀଙ୍କ କ୍ଷତିପୂରଣ ରାଶି ବୃଦ୍ଧି ଦାବି



ଛତ୍ରପୁର,୮ ।୧(ସମିସ): କଇଁଛ ସୁରକ୍ଷା ସମୟରେ ମତ୍ସ୍ୟଜୀବୀଙ୍କୁ ଜୀବନ ଓ ଜୀବିକା ନିର୍ବାହ କରିବା ନିମନ୍ତେ ସରକାର ବର୍ଷକୁ ଥରେ ପ୍ରତ୍ୟେକ ପରିବାରଙ୍କୁ ୧୫ ହଜାର ଟଙ୍କା ଦେଉଛନ୍ତି । ହେଲେ ଉକ୍ତ ରାଶିକୁ ବୃଦ୍ଧି କରି ୩୦ ହଜାର ଟଙ୍କା ଯୋଗାଇବା ସହ ୧୮ ରୁ ୭୦ ବର୍ଷ ସମସ୍ତ ମତ୍ସ୍ୟଜୀବୀମାନଙ୍କୁ କ୍ଷତିପୂରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ହୋଇଛି । ରାସନକାର୍ଡ ଅନୁସାରେ ପରିବାର ଜଣଙ୍କୁ କ୍ଷତିପୂରଣ ଦିଆଯାଉଛି । ରାସନକାର୍ଡ ଅନୁସାରେ ଗୋଟିଏ ପରିବାରରେ ଏକାଧିକ ମତ୍ସ୍ୟଜୀବୀ ରହୁଥିବା ବେଳେ ସରକାର ଯୋଗାଇ ଦେଉଥିବା କ୍ଷତିପୂରଣ ରାଶି କିପରି ଉକ୍ତ ପରିବାରର ସମସ୍ତ ସଦସ୍ୟମାନଙ୍କ ଜୀବନ ଜୀବିକା ୭ ମାସ ଧରି ଗୁଜରାଣ କରିପାରିବେ । ଏହାକୁ ନେଇ ସାନନୋଳିଆ ନୂଆଗାଁ, ବଡ ନୋଳିଆନୂଆଗାଁ, ଗୋଖରକୁଦା, ପୋଡମପେଟା-୧, ପୋଡମପେଟା-୨, ନୂଆ ପୋଡମପେଟା, ପ୍ରୟାଗୀ, କରଲାବାଡି ପ୍ରାୟ ୭ ଖଣ୍ଡ ଗ୍ରାମର ମତ୍ସ୍ୟଜୀବୀମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଓଡିଶା ସରକାରଙ୍କ କଇଁଛ ସୁରକ୍ଷା ନିୟମ ଅନୁଯାଇ ନଭେମ୍ବର ୧ ତାରିଖ ଠାରୁ ୩୧ ମେ ପର୍ଯ୍ୟନ୍ତ ନିର୍ଦ୍ଧାରିତ ସିମା ସାନ ନୋଳିଆନୂଆଗାଁ ଠାରୁ ପ୍ରୟାଗୀ ପର୍ଯ୍ୟନ୍ତ ଏବଂ ଗଭୀର ୧୦ କିଲୋମିଟର ପର୍ଯ୍ୟନ୍ତ ଭିତରେ ମାଛ ଧରିବା ସମ୍ପୂର୍ଣ୍ଣ ନିଷେଧ । ଏହି ୭ ମାସ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ବାଧାପ୍ରାପ୍ତ । ଏହି ସମୟରେ ସରକାରଙ୍କ ଦ୍ୱାରା ମତ୍ସ୍ୟଜୀବୀଙ୍କ ପରିବାରକୁ ଭରଣ ପୋଷଣ ପାଇଁ ୧୫ ହଜାର ଟଙ୍କା ଦିଆଯାଉଛି । ହେଲେ ଗୋଟିଏ ପରିବାରରେ ୫ ରୁ ୮ ଜଣ ସଦସ୍ୟ ରହୁଥିବା ବେଳେ ୧୫ ହଜାର ଟଙ୍କା ୭ମାସ ଚଳିବା କଷ୍ଟକର ହେଉଛି । ଏଣୁ ପରିବାରର ପିଛା କ୍ଷତିପୂରଣ ନ ଦେଇ ୧୮ ରୁ ୭୦ ବର୍ଷର ସମସ୍ତ ମତ୍ସ୍ୟଜୀବୀଙ୍କୁ କ୍ଷତିପୂରଣ ଦେବା ପାଇଁ ନିବେଦନ କରାଯାଉଛି । ଦାବିପତ୍ର ପ୍ରଦାନ ବେଳେ ଡକ୍କୁ ସିମାଦ୍ରୀ, ଏନ୍.ଗଣେଶ, ଏସ୍.ମୋହନ, ଏନ୍. ଆପେୟା, ସିଏଚ୍..ଟିକି, ଦୁମୁ ଏରେୟା, ଏ. ଦାନେୟା, ବି.ନରିସଂହ ପ୍ରମୁଖଙ୍କ ସହ ବହୁ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ ।

## ପାଣିରେ ବୁଡ଼ି ଯୁବକ ମୃତ

ସାନଖେମୁଣ୍ଡି,୮ ।୧(ସମିସ): ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଦଣ୍ଡେଇପୁର ଗ୍ରାମରେ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଦଣ୍ଡେଇପୁର ଗ୍ରାମର ବଳରାମ ଦଣ୍ଡିଆ(୫୨) । ଗୁରୁବାର ମଧ୍ୟାହ୍ନରେ ବଳରାମ ବିଲକୁ କାମ କରିବାକୁ ଯାଇଥିଲେ । ବିଲରେ କାମ ସାରି ଗ୍ରାମ ନିକଟରେ ଥିବା କୋଟିମା ପୋଖରୀରେ ଗାଧୁଉଥିବା ବେଳେ ଅସାବଧାନତା କାରଣରୁ ପୋଖରି ଭିତରକୁ ଚାଲିଯାଇଥିଲେ । ସେତେବେଳେ ପୋଖରୀରେ ଗାଧୋଉଥିବା ଅନ୍ୟ ଲୋକ ମାନେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ବଳରାମଙ୍କ ଭାଇ ଜଗନ୍ନାଥ ଦଣ୍ଡିଆ ପାଟପୁର ଥାନାରେ ଅଭିଯୋଗ କରିଛନ୍ତି ।



# ଦେବଗିରି ଉତ୍ସବ ନିମନ୍ତେ ମଶାଲ ଶୋଭାଯାତ୍ରା

ଗୁମ୍ମା,୮ ।୧(ସମିସ): ଗଜପତି ଜିଲ୍ଲା ଗୁମ୍ମା ସଦର ମହକୁମା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଦେବଗିରି ଉତ୍ସବ ନିମନ୍ତେ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଛି । ୯ ଓ ୧୦ ତାରିଖ ଦୁଇଦିନ ଧରି ବ୍ଲକସ୍ତରୀୟ ଦେବଗିରି ମହୋତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ମହେନ୍ଦ୍ରଗିରି ଶିଖର କୁନ୍ତୀ ମନ୍ଦିର ଠାରୁ ଆସିଥିବା ମଶାଲକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପରେ ନିଜ ବ୍ଲକ କାର୍ଯ୍ୟାଳୟ ପାଇଁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।



ପ୍ରଥମେ ମଶାଲ ଶୋଭାଯାତ୍ରା ରଥ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ବିଡିଓ ଦୁଲାରାମ ମାରାଣ୍ଡି, ତହସିଲଦାର ଶରତ ଶବର, ବିଏସଏସଓ ସତ୍ୟଜିତ ବେହେରା, ଏଇଇ ବିଭୁ ଚନ୍ଦନ ପୂଜାରୀ, ବିପିଏମ ମନ୍ମଥ ପାତ୍ର, ଜିପିଓ ସୁରି ନାରାୟଣ, ସିଡ଼ିପିଓ ପୁଷ୍ପାଞ୍ଜଳି ସାହୁ, ଏପିଓ ଅକ୍ଷୟ କୁମାର ରହ୍ନ ବିଶୋଇ, ଶ୍ରୀକାନ୍ତ ପଟ୍ଟନାୟକ, ଏସ.ଶେଷଗିରି, ଉପେନ୍ଦ୍ର ମାଛ ଓ ସମସ୍ତ ପିଇଓ ଓ ବ୍ଲକ କର୍ମଚାରୀ ସ୍ୱାଗତ ଜଣାଥିଲେ । ମଶାଲ ଶୋଭାଯାତ୍ରା କମିଟି ମଶାଲକୁ ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରିବା ପରେ ମଶାଲକୁ ପୂଜାର୍ଚ୍ଚନା କରି ତହସିଲ କାର୍ଯ୍ୟାଳୟରେ ମଶାଲ ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟକୁ ନିଆଯାଇଥିଲା । ବ୍ଲକସ୍ତରୀୟ ଦେବଗିରି ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାରମ୍ପରିକ ଲୋକକଳା ପ୍ରତିଭାଶାଳୀ କଳାକାରଙ୍କୁ ସୁଯୋଗ ଦେବା ସହ ବ୍ଲକ ତଥା ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦଳଗତ ନାଚ, ଗୀତ ସହ ଆଦିବାସୀ ପାରମ୍ପରିକ ନୃତ୍ୟ ଓ ଲୋକ କଳା ବିକାଶ ବୃଦ୍ଧି ପାଇବ ବୋଲି ବିଡିଓ କହିଛନ୍ତି ।

# ଓଲଟିଲା ଇଞ୍ଜିନ ଅଏଲ୍ ବୋଝେଇ ଭ୍ୟାନ



ମୋହନା, ୮।୧(ସମିସ): ଗଜପତି ଜିଲ୍ଲା ଅଡବା ଥାନା ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥର ଭୀମଦଳିରେ ଗୁରୁବାର ଏକ ଇଞ୍ଜିନ ଅଏଲ ବୋଝଇ ପିକ ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଟ୍ୟାଙ୍କର କାଷ୍ଟ୍ରୋଲ କମ୍ପାନୀର ତୈଳ କେନ୍ଦୁଝର ଜିଲ୍ଲା ବଡ଼ବିଲରୁ ନେଇ କୋରାପୁଟ ଜିଲ୍ଲା ନାଲକୋକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ହୋଇଥିବା ଜଣାପଡିଛି । ଏକ ବସକୁ ସାଇଡ ଦେଇ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଛି ପିକଅପ୍ ଭ୍ୟାନ । ଦୁର୍ଘଟଣାରୁ ସୌଭାଗ୍ୟବଶତଃ ଡ୍ରାଇଭର ସୁରକ୍ଷିତ ଭାବେ ବର୍ତ୍ତି ଯାଇଛନ୍ତି । ଘଟଣା ସ୍ଥଳରେ ଅଡବା ପୁଲିସ ପହଞ୍ଚି ତଦନ୍ତ କରୁଛି ।

● ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

# ସାମ୍ବାଦିକା ଶୀଲା ପଟ୍ଟନାୟକ ଓ ମାନସ ଦାସଙ୍କୁ ଶ୍ରଦ୍ଧାଞ୍ଜଳି



ମୋହନା,୮।୧(ସମିସ): ଗଜପତି ଜିଲ୍ଲା ମୋହନା ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଗଠନ ହୋଇଛି । ପ୍ରେସ କ୍ଲବ କାର୍ଯ୍ୟାଳୟରେ ବରିଷ୍ଠ ସାମ୍ବାଦିକ ଲକ୍ଷ୍ମଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ପ୍ରଥମେ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଥିବା ସାମ୍ବାଦିକା ଶିଳା ପଟ୍ଟନାୟକ ଓ ସାମ୍ବାଦିକ ମାନସ ରଞ୍ଜନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯିବା ସହ ପରିବାରକୁ ଅଧିକ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି । ଏଥିସହ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ତୁରନ୍ତ ସରକାର କଠୋର ଆଇନ ପ୍ରଣୟନ ପାଇଁ ଦାବି କରାଯାଇଛି । ଏହାପରେ ନୂତନ ସଭାପତି ଭାବେ ସହମତି କ୍ରମେ ସୁମନ ପଟ୍ଟନାୟକ, ଉପସଭାପତି ଅଂଶୁମାନ ପଣ୍ଡା, ସମ୍ପାଦକ ବାବୁଲା ସେଠୀ, ସହସମ୍ପାଦକ ନୃସିଂହ ନାଥ ପୂଜାରୀ, କୋଷାଧ୍ୟକ୍ଷ ଭାବେ ପ୍ରମୋଦ ଦୋରାଙ୍କୁ ମନୋନୀତ କରାଯାଇଛି । କାର୍ଯ୍ୟକାରୀ ସଦସ୍ୟ ଭାବେ ସୁକାନ୍ତ ରଥ, ଧୀରେନ୍ଦ୍ର ନାୟକ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ଲକ୍ଷ୍ମଣ ଚୌଧୁରୀ, ପଞ୍ଚାନନ ଦାସ, ବାଦଲ ବେହେରା ଓ ଯୁ ରାଜେନ୍ଦ୍ର ଦୋରାଙ୍କୁ ମନୋନୀତ କରାଯାଇଛି । ଏହି ବୈଠକରେ ପ୍ରେସ କ୍ଲବ ସଦସ୍ୟ ମୋଜେସ ରଇତ, ନିର୍ମଳ ପାଲ, ଚନ୍ଦନ ପଟ୍ଟନାୟକ, ଜାଗା ଦାସ ଓ ବିଭୁତି ମଲ୍ଲିକ ଉପସ୍ଥିତ ଥିଲେ ।

# ଜି.ଉଦୟଗିରିର ବିଭନ୍ନ ସ୍ଥାନରେ ତୁଷାରପାତ



ଜି.ଉଦୟଗିରି,୮।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ଦିନକୁ ଦିନ ତାପମାତ୍ରା କମିବାରେ ଲାଗିଛି । ତିନି ଦିନରେ ମଧ୍ୟରେ ତାପମାତ୍ରା କମି ୨. ୫ଡିଗ୍ରୀରେ ପହଞ୍ଚିବା ସହିତ ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳୁଛି । ବିଶେଷକରି କରି ଜି. ଉଦୟଗିରି ଗ୍ରାମାଞ୍ଚଳରେ ଅସହ୍ୟ ଶୀତ ଜାରି ରହିଛି । ଏଠାରେ ତାପମାତ୍ରା ୨. ୫ ଡିଗ୍ରୀ ତଳେ ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କୋହଲା ପବନ ଶୀତକୁ ଦ୍ୱିଗୁଣିତ କରିଛି । ଚଳିତ ବର୍ଷର ଏହା ସର୍ବନିମ୍ନ ତାପମାତ୍ରା ବୋଲି ଜଣାପଡିଛି । ଦିନରେ ବି ଘର ଭିତରେ ରହିବା କଷ୍ଟକର ହେଉଛି । ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି ।

# ଜଙ୍ଗଲରୁ ଯୁବକଙ୍କ ଦରପୋଡ଼ା ମୃତଦେହ ଜବତ

ଟିକାବାଲି,୮।୧(ସମିସ):

କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ଚକାପାଦ ବ୍ଲକର ଲାଇନପଡ଼ା-ପସରା ଗ୍ରାମ ରାସ୍ତାରେ ଥିବା ଚୂନଘାଟି ଜଙ୍ଗଲରୁ ବୁଧବାର ଜଣେ ଯୁବକଙ୍କ ଦରପୋଡ଼ା ମୃତଦେହ ଉଦ୍ଧାର କରାଯାଇଛି । ମୃତ ଯୁବକ ଜଣକ ହେଲେ ଖଜୁରୀପଡ଼ା ଥାନା ଆର୍.ନୂଆଗାଁ ପଞ୍ଚାୟତ ଖଲିବେରଣା ଗ୍ରାମର ଦୁର୍ଯ୍ୟୋଧନ ବଗର୍ତ୍ତୀ (୩୫) । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି । ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ରବିବାର ଦିନ ଦୁର୍ଯ୍ୟୋଧନ ଚିକେନ୍ ଖାଇବା ପାଇଁ ତାଙ୍କ ବାପା ଦାଶରଥି ବଗର୍ତ୍ତୀଙ୍କୁ ଟଙ୍କା ମାଗିଥିଲେ । ବାପାଙ୍କ



ପାଖରେ ଟଙ୍କା ନଥିବାରୁ ସେ କିଛି ଧାନ ବିକି ଚିକେନ୍ କିଣିବାକୁ ପରାମର୍ଶ ଦେଇଥିଲେ । ଧାନ ବିକ୍ରି କରି ଚିକେନ୍ ଆଣି ଖାଇବା ପରେ ସେହିଦିନ ସନ୍ଧ୍ୟାରେ ଦୁର୍ଯ୍ୟୋଧନ ଘରୁ ବାହାରକୁ ଯାଇଥିଲେ, ମାତ୍ର ଆଉ ଫେରିନଥିଲେ । ଦୁଇ ଦିନ ଧରି ଖୋଜାଖୋଜି କରିବା ପରେ ମଧ୍ୟ ଦୁର୍ଯ୍ୟୋଧନଙ୍କ କୌଣସି ପତ୍ତା

## ହତ୍ୟା ସନ୍ଦେହ

ନମିଳିବାରୁ ପରିବାର ପକ୍ଷରୁ ଖଜୁରୀପଡ଼ା ଥାନାରେ ଏତଲା ଦିଆଯାଇଥିଲା । ବୁଧବାର ସକାଳେ ଚୂନଘାଟି ଜଙ୍ଗଲରେ ଏକ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ । ଟିକାବାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଦୁର୍ଯ୍ୟୋଧନଙ୍କର ବୋଲି ଚିହ୍ନଟ କରିଥିଲା । ମୃତକଙ୍କ ବାପାଙ୍କ ଲିଖିତ ଅଭିଯୋଗ ଆଧାରରେ ଟିକାବାଲି ପୁଲିସ ଏକ ମାମଲା ରୁଜୁ କରିଛି । ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ବୌଦ୍ଧରୁ ଏକ ସାଇଣ୍ଟିଫିକ ଟିମ୍ ଆସି ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିବା ସହ ଛାନଭିନ୍ କରିଛି । ଟିକାବାଲି ଥାନା ଅଧିକାରୀଣୀ ପ୍ରଜ୍ଞା ରିତାମ୍ବର କରଙ୍କ ସୂଚନା ଅନୁଯାୟୀ ମୃତଦେହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଏହି ମାମଲାରେ କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି । ଖୁବ୍ ଶୀଘ୍ର ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ହେବ । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି । ପୁଲିସର ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ଜଣାପଡୁଥିଲେ ମଧ୍ୟ ହତ୍ୟାର ପ୍ରକୃତ କାରଣ ଏବେ ବି ଅସ୍ପଷ୍ଟ ରହିଛି ।

ଜି.ଉଦୟଗିରିରେ ଶୀତ ମହୋତ୍ସବ 'ତୁଷାର' ପାଇଁ ପ୍ରସ୍ତୁତି ବୈଠକ

# ପ୍ରସ୍ତୁତ ହେଲା ଚୂଡ଼ାନ୍ତ ରୂପରେଖ



ଜି.ଉଦୟଗିରି,୮।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ଆସନ୍ତା ଫେବୃଆରୀ ମାସ ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ବହୁପ୍ରତୀକ୍ଷିତ ଶୀତ ମହୋତ୍ସବ ତୁଷାର -୨୦୨୬ ହେବାକୁ ଯାଉଛି । ଏହାକୁ ସଫଳ କରିବା ଉଦ୍ଦେଶ୍ୟରେ ଆଜି ସ୍ଥାନୀୟ ବ୍ଲକ ପ୍ରେକ୍ଷାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମହୋତ୍ସବକୁ ସୁସଂଗଠିତ, ଶୃଙ୍ଖଳାବଦ୍ଧ ଭାବେ ଆୟୋଜନ କରିବା ନେଇ ସବିସ୍ତାର ଭାବେ ଆଲୋଚନା କରାଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଶୀତ ମହୋତ୍ସବ ସଭାପତି ଜ୍ଞାନଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଓ ପରିଚାଳିତ ହୋଇଥିଲା । ବୈଠକର ଆରମ୍ଭରେ ସମ୍ପାଦକ ମହମ୍ମଦ ଜିହାଉଦ୍ଦିନ ଅହମ୍ମଦ ମହୋତ୍ସବର ଉଦ୍ଦେଶ୍ୟ, ପ୍ରସ୍ତାବିତ କାର୍ଯ୍ୟସୂଚୀ, ସଂସ୍କୃତିକ କାର୍ଯ୍ୟକ୍ରମ, ଆୟ ବ୍ୟୟ ଓ ପରିଚାଳନା ସମ୍ପର୍କରେ ବିସ୍ତୃତ ଭାବେ ବିଷୟବସ୍ତୁ ପ୍ରକାଶ କରିଥିଲେ । ବୈଠକରେ ମଞ୍ଚାସୀନ ଅତିଥି ଭାବେ ଶୀତ ମହୋତ୍ସବ ଚେୟାରମେନ ସତ୍ୟନାରାୟଣ ମିଶ୍ର, ଏସଡିପିଓ ବିଜୟ କୁମାର ବିଶି, କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କୋର, ତହସିଲଦାର ରଞ୍ଜନ କୁମାର ସାହୁ, ସହିତ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟା ଓ ବହୁ ସଂଖ୍ୟକ ସାମାଜିକ କର୍ମୀ ଉପସ୍ଥିତ ରହିଥିଲେ । ମଞ୍ଚାସୀନ ଅତିଥି ବକ୍ତବ୍ୟରେ ଶୀତ ମହୋତ୍ସବକୁ କନ୍ଧମାଳ ଜିଲ୍ଲାର ଏକ ପ୍ରମୁଖ ସାଂସ୍କୃତିକ ପରିଚୟ ଭାବେ ଗଢ଼ି ତୋଳିବା, ସ୍ଥାନୀୟ କଳା, ସଂସ୍କୃତି ଓ ଲୋକକଳାକୁ ପ୍ରୋତ୍ସାହନ ଦେବା, ସହିତ ଶୃଙ୍ଖଳା, ସୁରକ୍ଷା ଓ ପାରଦର୍ଶୀ ଆର୍ଥିକ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ । ବୈଠକରେ ଆୟବ୍ୟୟ ପରିଚାଳନା, ସୁରକ୍ଷା ବ୍ୟବସ୍ଥା, ମଞ୍ଚ, ଆଲୋକ ଓ ଧ୍ୱନି ବ୍ୟବସ୍ଥା, ସଂସ୍କୃତିକ କାର୍ଯ୍ୟକ୍ରମର ରୂପରେଖା, ନେତୃତ୍ୱ ମଣ୍ଡଳୀଙ୍କ ଦାୟିତ୍ୱ ବଣ୍ଟନ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଉପସ୍ଥିତ ସର୍ବସାଧାରଣ ମଧ୍ୟ ନିଜ ନିଜର ମତାମତ ଓ ପ୍ରସ୍ତାବ ରଖି, ଆନନ୍ଦ ଓ ଉଲ୍ଲାସର ସହ ଶୀତ ମହୋତ୍ସବକୁ ସମସ୍ତଙ୍କ ସହଯୋଗରେ ସଫଳ କରାଯିବ ବୋଲି ସହମତି ପ୍ରକାଶ କରିଥିଲେ ।

● ମହେନ୍ଦ୍ରତନୟା ମହୋତ୍ସବ ଶୁଭାରମ୍ଭ

# ସ୍ଥାନୀୟ କଳାକାର ଦୁଲୁକାଇଲେ ମଞ୍ଚ



ଗୋଷାଣି,୮ ।୧(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦର ମହକୁମାସ୍ଥ ମିଶନଶକ୍ତି କାଫେ ସମ୍ମୁଖ ପଡିଆରେ ଗଜପତି ଉତ୍ସବ ପରିପ୍ରେକ୍ଷୀରେ ବ୍ଲକସ୍ତରୀ ଦୁଇଦିନିଆ ମହେନ୍ଦ୍ରତନୟା ମହୋତ୍ସବର ଆଜି ଶୁଭାରମ୍ଭ ହୋଇଛି । ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା ନୀଳାବତୀ ପାରିଗା, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ସହକାରୀ ନିର୍ବାହୀଯନ୍ତ୍ରୀ ସସ୍ମିତା ଜେନା ଓ ଆକାଉଣ୍ଟ ଅଫିସର ଗଜେନ୍ଦ୍ର ବେହେରା ମଞ୍ଚାସୀନ ଥିଲେ । ଆୟୋଜିତ ସଭା କାର୍ଯ୍ୟକ୍ରମରେ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ଅତିଥି ଗଣ ଏହି ମହୋତ୍ସବ ପାଳନର ତାତ୍ପର୍ଯ୍ୟ ଏବଂ ଗୋଷାଣି ବ୍ଲକର କଳା, ସଂସ୍କୃତି ଆଦି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଖୋଲା ଯାଇଥିବା ବିଭିନ୍ନ ଷ୍ଟଲ ଗୁଡିକୁ ଅତିଥିମାନେ ପରିଦର୍ଶନ କରିଥିଲେ । ଶେଷରେ ବ୍ଲକର ବିଭିନ୍ନ ସାଂସ୍କୃତିକ ଦଳର ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ଦୁଲୁକିଥିଲା ମଞ୍ଚ । ଶୀତ ସନ୍ଧ୍ୟା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଥିବା ବେଳେ ସଙ୍ଗୀତର ତାଳେ ତାଳେ ଝୁମିଥିଲେ ଦର୍ଶକ । ଗୁରାଣ୍ଡି ଏସକେସିଜି ହାଇସ୍କୁଲର ତ୍ରିଶା ଜେନାଙ୍କ ନେତୃତ୍ୱରେ ତାଙ୍କ ଦଳ ସାଂସ୍କୃତିକ ନୃତ୍ୟ ହୋଇଥିବା ବେଳେ ଗୁଣ୍ଡୁପୁର ଡ୍ୟାନ୍ସ ଗୃପ୍, ଲିଙ୍ଗିପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଲୋକକଳା ନୃତ୍ୟ, ପଦ୍ମପୁର ସ୍ଥିତ ଆଶ୍ରମ ବିଦ୍ୟାଳୟ, ଲିଙ୍ଗିପୁର ସ୍ଥିତ ସେବାଶ୍ରମ, ଯୁବରାଜପୁରର ହରିପ୍ରିୟା ଗ୍ରୁପ୍, ଦେଉଳା ଜିଏଚ୍ଏସ୍ ଦଳର ଯୋଗା, ଗାରାବନ୍ଧା ସ୍ଥିତ ସେଣ୍ଟ୍ ଆଣ୍ଡ୍ରୁସ୍ ସ୍କୁଲର ସମ୍ବଲପୁରୀ ଡ୍ୟାନ୍ସ, ଘୋରଣୀର ଏଜେ କ୍ରୁ ଡ୍ୟାନ୍ସ ଷ୍ଟୁଡିଓର ନୃସିଂହ ଅବତାର ଗୀତ, କେଜିବିଭି ଡ୍ୟାନ୍ସ ଗ୍ରୁପର ଆଦିବାସୀ ଗୀତ, ଗାରାବନ୍ଧ ଟୁସ୍ପ ର ଗ୍ରୁପ୍ ଡ୍ୟାନ୍ସ, ପ୍ରିୟଙ୍କା ଡ୍ୟାନ୍ସ ଗ୍ରୁପ୍ ର ପାଲିନୃତ୍ୟ, ଜଙ୍ଗଲପାଡୁ ର ରାଧାକୃଷ୍ଣ ସେବା ସଂଘ ପକ୍ଷରୁ ଭଜନ ସନ୍ଧ୍ୟା, ଯୁବରାଜପୁରର ଅମ୍ବିକା ନାଟ୍ୟ କଳା ସଂସଦର ଭାରତ ଲୀଳା ଏବଂ ଯୁବରାଜପୁରର ମା ଠାକୁରାଣୀ ଯୁବ ସଂସଦ ଦ୍ୱାରା ରାଧାକୃଷ୍ଣ ପ୍ରେମଲିଳା ଆଦି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ମନମୋହିଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ତଥା ଜନପ୍ରତିନିଧି ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରୁଥିବା ବେଳେ ଆଜି ପ୍ରଥମ ଦିବସରେ ମଞ୍ଚରେ ସଂଯୋଜନା କରିଥିଲେ ଗୋଷାଣି ସିଆର୍‌ସି ରଶ୍ମିତା ସାମଲ, ତାଟିପାଟି ପଞ୍ଚାୟତର ଭାରପ୍ରାପ୍ତ ପିଇଓ ବିନୋଦ ଗୌଡ ଓ ଦେଉଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପାଣି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁରୁ ନୃସିଂହ ପାତ୍ରୀଙ୍କ ନିର୍ଦ୍ଦେଶନାରେ ମମତା ପାତ୍ରୀ ଏବଂ ତାଙ୍କ ଦଳ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ । ସକାଳ ସମୟରେ ବ୍ଲକ୍ ପରିସରରେ ଥିବା ଗଣେଶ ମୂର୍ତ୍ତିରେ ପୂଜା ଅର୍ଚ୍ଚନା କରାଯାଇଥିଲା । ଗୋଷାଣି ଛକରେ ଥିବା ଦୁର୍ଗା ମନ୍ଦିରରେ ଗତକାଲି ଠାରୁ ରହିଥିବା ମଶାଲ ଜ୍ୟୋତିର ପୂଜା ଅର୍ଚ୍ଚନା କରି ଜଙ୍ଗଲପାଡୁର ରାଧାକୃଷ୍ଣ ସଙ୍କୀର୍ତ୍ତନ ମଣ୍ଡଳୀ ଏବଂ ଗୋଷାଣି ହାଇସ୍କୁଲ ର ଛାତ୍ରୀ ଓ ଜନସାଧାରଣ ଅଧିକାରୀ, କର୍ମଚାରୀମାନେ ନାଚଗୀତ ସହିତ ମହେନ୍ଦ୍ରତନୟା ମହୋତ୍ସବ ସ୍ଥଳକୁ ମଶାଲଜ୍ୟୋତିକୁ ଆଣି ସ୍ଥାପନ କରିଥିଲେ ।

● ନିର୍ମାଣାଧୀନ ବ୍ରିଜ୍‌ରେ ଦୁର୍ଘଟଣା

# ତେଲେଙ୍ଗାନାର ଶ୍ରମିକ ଦମ୍ପତି ମୃତ

ବାଲିଗୁଡ଼ା,୮।୧(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡା କଟାରୀସାହି ନିକଟରେ ନିର୍ମାଣ ହେଉଥିବା ବ୍ରିଜରେ ଦୁର୍ଘଟଣା ଯୋଗୁଁ ତେଲେଙ୍ଗାନାର ଦୁଇ ଶ୍ରମିକ ଦମ୍ପତିଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଦୁଇ ମୃତ ଶ୍ରମିକ ତେଲେଙ୍ଗାନା ରାଜ୍ୟର ନାଲଗୋଣ୍ଡା ଜିଲ୍ଲାର ନେରାଡୁଗୁମୁ ଗ୍ରାମର ଏଲଆମା ଓ କ୍ରିଷ୍ଣୟା ବୋଲି ସୂଚନା ମିଳିଥିବା ବେଳେ ଉଭୟ ଶ୍ରମିକ ଦମ୍ପତି ବୋଲି ଜଣାପଡିଛି । ସୂଚନା ଅନୁସାରେ ସେମାନେ ଗତ କିଛି ମାସ ହେଲା ଏଠାରେ କାର୍ଯ୍ୟ କରି ଆସୁଥିଲେ । କିନ୍ତୁ ଗୁରୁବାର ଅପରାହ୍ନ ୩ ଟା ସମୟରେ ସ୍ୱାମୀ ସ୍ତ୍ରୀ ଦୁଇଜଣ ବ୍ରିଜର ପିଲର ନିକଟରେ କାର୍ଯ୍ୟ କରୁଥିବା ସମୟରେ ପିଲର ପାର୍ଶ୍ୱରେ ଥିବା ମାଟି ଧସି ଯାଇଥିଲା ଏବଂ ଉଭୟ ପାଖାପାଖି ୨୦ ଫୁଟ ତଳକୁ ପଡିଯାଇଥିଲେ । ଖବର ପାଇ ସଙ୍ଗେ ସଙ୍ଗେ ବାଲିଗୁଡ଼ା ଅଗ୍ନିଶମ ବାହିନୀ ଏବଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ସ୍ତ୍ରୀକୁ ଉଦ୍ଧାର କରିଥିବା ବେଳେ ସ୍ୱାମୀ ନିଖୋଜ ଥିବା ଜଣାପଡ଼ିଛି । ଘଟଣା ସ୍ଥଳରେ ବାଲିଗୁଡ଼ା ଏସ୍‌ଡିପିଓ ଶୁଭମ ଭୋସଲେ ଓ ବାଲିଗୁଡ଼ା ଥାନା ଅଧିକାରୀ ପହଞ୍ଚିଥିବା ବେଳେ ବିଳମ୍ବ ରାତି ଯାଏଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଘଟଣା ସ୍ଥଳରେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ପହଞ୍ଚି କ୍ଷୋଭ ପ୍ରକାଶ କରିଥିବା ସହ ଦୁଇ ମୃତ ଶ୍ରମିକଙ୍କ ପାଇଁ ସରକାରଙ୍କ ନିକଟରେ ଆର୍ଥିକ ସହାୟତା ପାଇଁ ନିବେଦନ କରିଥିଲେ ।

# ନୂତନ ଜିଲ୍ଲାପାଳଙ୍କ ଯୋଗଦାନ

ପାରଳାଖେମୁଣ୍ଡି, ୮ ।୧(ସମିସ) : ଗଜପତି ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଅକ୍ଷୟ ସୁନୀଲ ଅଗ୍ରୱାଲ ଗୁରୁବାର ସନ୍ଧ୍ୟା ସମୟରେ ଯୋଗଦେଇଛନ୍ତି । ନୂତନ ଜିଲ୍ଲାପାଳଙ୍କୁ ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗା, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଜିଲ୍ଲାପରିଷଦର ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥିବୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ପ୍ରମୁଖ ସ୍ୱାଗତ କରିଥିଲେ । ସୂଚନା ଯୋଗ୍ୟ ଯେ ଗତ ଏକମାସରୁ ଉର୍ଦ୍ଧ୍ୱ ସମୟ ହେଲା ପୂର୍ବତନ ଜିଲ୍ଲାପାଳ ମଧୁମିତା ଛୁଟିରେ ଥିବା ବେଳେ ତାଙ୍କ ଦାୟିତ୍ୱ ଭାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଭାରପ୍ରାପ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଉଥିଲେ । ଏଥି ପୂର୍ବରୁ ଶ୍ରୀ ଅଗ୍ରୱାଲ ନୟାଗଡ଼ ଜିଲ୍ଲାପାଳ ଭାବରେ ଦାୟିତ୍ୱ ତୁଲାଉଥିଲେ ।

● ଦାରିଙ୍ଗବାଡି ଶୀତ ମହୋତ୍ସବ ଉଦଘାଟିତ

# କଳାହାଣ୍ଡି କଟାପ୍ପା ମୁଖ୍ୟ ଆକର୍ଷଣ



ଦାରିଙ୍ଗବାଡି,୮।୧(ସମିସ): ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିର କଲେଜ ପଡିଆରେ ଶୀତ ମହୋତ୍ସବର ଉଦଘଟଣା ହୋଇଯାଇଛି । ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ତହସିଲଦାର ଧୀରଜ ପାତ୍ର, ଅତିଥି ଭାବେ ବିଡ଼ିଓ ପ୍ରୀତି ରଞ୍ଜନ ରଥ, ସରପଞ୍ଚ ଚନ୍ଦ୍ରିକା ପ୍ରଧାନ, ଅତିରିକ୍ତ ତହସିଲଦାର ଦୁଃଶାସନ ସ୍ୱାଇଁ, ଡେପୁଟି କଲେକ୍ଟର ସଂଜୀବ ରୁପାମାଝୀ ଯୋଗ ଦେଇଥିଲେ । ଅତିଥି ମାନଙ୍କୁ ଫୁଲତୋଡ଼ା ଦିଆଯାଇ ସ୍ୱାଗତ କରାଯାଇଥିଲା । ଦାରିଙ୍ଗବାଡି ଶୀତ ମହୋତ୍ସବକୁ ରାଜ୍ୟସ୍ତରୀୟ ଶୀତ ମହୋତ୍ସବ ପାଳନ କରିବା ପାଇଁ ବିଧାୟକ ଦୃଷ୍ଟି ଦେବାକୁ କୁହାଯାଇଥିଲା । ଉଦଘାଟନ ଉତ୍ସବରେ କଳାହାଣ୍ଡି କାଟାପା ମୁଖ୍ୟ ଆକର୍ଷଣ ରହିଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାହାଣ୍ଡି କାଟାପା ଡ୍ୟାନ୍ସରେ ଝୁମିଲେ ଦର୍ଶକ । କାର୍ଯ୍ୟକ୍ରମରେ ଶିବାନନ୍ଦ ଏବଂ ସବନା ମଞ୍ଚ ସଞ୍ଚାଳନ କରିଥିଲେ । ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନାଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା ।

# ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




ପାରଳାଖେମୁଣ୍ଡି,୮ ।୧(ସମିସ): ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୬୧ତମ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଛି । ଆଜି ଓ ଆସନ୍ତାକାଲି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । କ୍ରୀଡ଼ା ପରିଷଦ ଉପସଭାପତି ଡ.ସୁମନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମା ନୀଳମଣି ଦୁର୍ଗା ଠାକୁରାଣୀଙ୍କ ମନ୍ଦିରରୁ ମହାବିଦ୍ୟାଳୟ ଖେଳ ପଡ଼ିଆ ପର୍ଯ୍ୟନ୍ତ ଶୋଭାଯାତ୍ରାରେ କ୍ରୀଡ଼ାଜ୍ୟୋତି ଆଣିଥିଲେ । ଅତିଥିମାନଙ୍କ ଦ୍ୱାରା କ୍ରୀଡ଼ା ପତାକା ଉତ୍ତୋଳନ ପରେ ବିଭିନ୍ନ କ୍ରୀଡ଼ା ହୋଇଥିଲା । ସମାରୋହରେ ସଭାପତି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରାଧାକାନ୍ତ ଭୂୟାଁ ମଞ୍ଚାସୀନ ଥିବାବେଳେ, ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଆନ୍ତର୍ଜାତୀୟ ଦୌଡ଼ାଳି କିଶୋର ଚନ୍ଦ୍ର ରଥ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସ୍ୱାଗତ ଭାଷଣ କ୍ରୀଡ଼ା ପରିଷଦର ଉପସଭାପତି ଡ. ବେହେରା ପ୍ରଦାନ କରିଥିଲେ । ଏହା ପରେ ବିଭିନ୍ନ ହାଉସର କ୍ୟାପଟେନମାନେ ନିଜ ନିଜ ପତାକା ସହ ଶପଥ ଗ୍ରହଣ କରଥିଲେ । ଉଚ୍ଚ ମାଧ୍ୟମିକ କ୍ରୀଡ଼ା ପରିଷଦର ଉପସଭାପତି ପ୍ରଫେସର ପି. ନୀରଜା ଧନ୍ୟବାଦ ଅର୍ପଣ କରିଥିଲେ । କ୍ରୀଡ଼ା ଶିକ୍ଷକ ନିରଞ୍ଜନ ବେହେରା କ୍ରୀଡ଼ା ପରିଚାଳନା କରିଥିଲେ । ସମାରୋହର ସମଗ୍ର ସଂଯୋଜନା ଓଡ଼ିଆ ବିଭାଗର ମୁଖ୍ୟ ଡ. ବିପ୍ଳବ ରଞ୍ଜନ ପ୍ରଧାନ କରିଥିଲେ । ପ୍ରଥମ ଦିନର କ୍ରୀଡ଼ା ପ୍ରତିଯୋଗିତାରେ ୧୫୦୦ ମିଟର, ୧୦୦ ମିଟର, ୨୦୦ ଓ ୪୦୦ ମିଟର ଦୌଡ଼, ଲଙ୍ଗ୍ ଜମ୍ପ, ହାଇ ଜମ୍ପ, ସଟ୍ ପୁଟ୍ ଓ ଡିସ୍କସ୍ ଥ୍ରୋ ଭଳି ବିଭିନ୍ନ ଇଭେଣ୍ଟରେ ପୁରୁଷ, ମହିଳା, ବାଳକ ଓ ବାଳିକା ଖେଳାଳି ସାମିଲ ହୋଇଥିଲେ ।

କଇଠଡ଼ା ଗ୍ରାମାଞ୍ଚଳରେ ବାର୍‌ହା ଉପଦ୍ରବ

# ଧାନବିକ୍ରି ହେଉ ନ ଥିବାରୁ ଚାଷୀ ଅସନ୍ତୋଷ

ପାରଳାଖେମୁଣ୍ଡି, ୮ ।୧ (ସମିସ) :

ଗଜପତି ଜିଲ୍ଲା ଗୋଷାଣି ବ୍ଲକର କିଛି ପଞ୍ଚାୟତରେ ଗତ କିଛି ଦିନ ହେଲା ବାରହା ଉପଦ୍ରବ ବଢିବାରେ ଲାଗିଛି । ପ୍ରତି ବର୍ଷ ଠିକ୍ ଧାନ ଅମଳ ସମୟରେ ବାରହାଙ୍କ ଉତ୍ପାତକୁ ନେଇ ଚାଷୀ ଅତିଷ୍ଠ ହୋଇପଡିଛନ୍ତି । ସେପଟେ ବନବିଭାଗ ନିଷ୍କ୍ରିୟ ସାଜି ବାରହା ଉପଦ୍ରବ ଅଞ୍ଚଳରେ କୌଣସି ସଚେତନତା କରୁନଥିବାରୁ ବଣ୍ୟଜନ୍ତୁ ଓ ମଣିଷ ମଧ୍ୟରେ ଲଢେଇ ହେବା ପରିସ୍ଥିତ ଉପୁଜିଥିବା ଚାଷୀ କହିଛନ୍ତି । ଗତରାତିରେ କଇଠଡା ଗ୍ରାମାଞ୍ଚଳରେ ବାରହା ପଲ ଧାନଖଳାରେ ପଶି ୫୦ ଏକରରୁ ଅଧିକ ଅମଳ ଧାନକୁ ନଷ୍ଟ କରିଥିବା ଏହି ଅଞ୍ଚଳର ଚାଷୀ କହିଛନ୍ତି । ବିଗତ ୨୦୧୮ ମସିହା ପରଠାରୁ ଗୋଷାଣି ବ୍ଲକ ଅଞ୍ଚଳରେ କ୍ରମାଗତ ଭାବେ ବାରହା ଉପଦ୍ରବ ବୃଦ୍ଧି ପାଇଛି । ଏନେଇ ବନବିଭାଗ ନିକଟରେ ଖବର ରହିଛି । ହେଲେ ଧାନ ଅମଳ ସମୟରେ ଶହ ଶହ ସଂଖ୍ୟାରେ ବାରହା ଧାନଖଳାରେ ପଶି ପାଲ ଘୋଡାଇ ରଖାଯାଇଥିବା ଧାନକୁ ପ୍ରଥମେ ପାଲ ଗୁଡିକୁ ଚିରିଦେଇ ଧାନ ଖାଇବା ସହ ବହୁ ପରିମାଣର ଧାନ ନଷ୍ଟ



କରିଦେଉଛନ୍ତି । ଖାଇବା ଅପେକ୍ଷା ଦଳି କଚାଡି ଧାନ ନଷ୍ଟ କରୁଛନ୍ତି । ଏପଟେ ଧାନମଣ୍ଡି ଖୋଲାଯାଇ ନଥିବା ଯୋଗୁଁ ଚାଷୀ ଧାନକୁ ବିକ୍ରିବଟା କରିନପାରି ନିଜ ନିଜ କ୍ଷେତଖଳାରେ ପକାଇ ନିଦ ହଜାଇ ବସିଛନ୍ତି । ଯଦି ଓ ଧାନମଣ୍ଡି ଖୋଲାଯାଇଥାନ୍ତା ତେବେ ଏପରି ପରିସ୍ଥିତିରୁ ମୁକୁଳିପାରିଥାନ୍ତୁ ବୋଲି ବହୁ ଚାଷୀ କହିଛନ୍ତି । ଚଳିତ ବର୍ଷ ବେଶ ଭଲ ଧାନ ହୋଇଥିଲେ ମଧ୍ୟ ଏପରି ବାରହା ନଷ୍ଟ କରୁଥିବା ଯୋଗୁଁ ଚାଷୀ ଚିନ୍ତିତ ହୋଇପଡିଛନ୍ତି । ସରକାର ଏଫ୍ଏକ୍ୟୁ ଧାନ ତଥା ସଫା, ଶୁଖିଲା, ରଙ୍ଗ ନବଦଳିବା ଧାନ ଆଣିବାକୁ କହୁଛନ୍ତି । ହେଲେ ଚଳିତ ବର୍ଷ ଏହି ଅଞ୍ଚଳରେ ବାରହା ନଷ୍ଟ କରୁଥିବାରୁ ଧାନ ନଷ୍ଟ ହୋଇଯାଇଛି । ବନବିଭାଗ ଧାନ ଗଛରେ ଥିଲେ ହିଁ କ୍ଷତିଭରଣା ପ୍ରଦାନ କରୁଛନ୍ତି । ଖଳାରେ ବସ୍ତା ବନ୍ଧା ହୋଇଥିଲେ କ୍ଷତିଭରଣା ଦେଉନି । ଏପରି ପରିସ୍ଥିତିରେ ବାରାହାକୁ ଘୋଉଡାଇପାରୁନୁ କି ବନବିଭାଗ କୌଣସି ପ୍ରତିକାର କରୁନଥିବା ପ୍ରକାଶ କରିଛନ୍ତି ଚାଷୀଗଣ । ବନବିଭାଗ କର୍ମଚାରୀରାତ୍ରକାଳୀନ ପାଟ୍ରୋଲିଂ ନକରି ଦିନରେ ଆସି ଓଲଟି ନାଲିଆଖି ଦେଖାଉଥିବାର ମଧ୍ୟ ଚାଷୀ ପ୍ରକାଶ କରିଛନ୍ତି । କାଳବିଳମ୍ବ ନକରି ଧାନମଣ୍ଡି ଖୋଲିବା ଏବଂ ବଣ୍ୟଜନ୍ତୁ ନଷ୍ଟ କରୁଥିବା ଧାନକୁ କୌଣସି ବାଛବିଚାର ନକରି ସରକାଙ୍କ ନିର୍ଦ୍ଧାରିତ ମୂଲ୍ୟ ଦର ପ୍ରଦାନ କଲେ ଉପକୃତ ହେବୁ ବୋଲି ବାରାହା ଉପଦ୍ରବରେ କ୍ଷତିଗ୍ରସ୍ତ ଚାଷୀ ସୌରା ପାତ୍ର, କେ.ବୈକୁଣ୍ଠରାଓ, ଲକ୍ଷ୍ମଣ ଜେନା, ଧନଞ୍ଜୟ ବିଶୋୟୀ, ଏମ.ଉଦୟ ଶଙ୍କର, ଶିରିପୁରୁ ମାଲେଶ୍ୱ, କେ.ଫାଲଗୁନା, ଏସ୍.ମଧୁ, କ୍ରିଷ୍ଣାରାଓ, ପି.ଭାସ୍କର ରାଓ, ପବନ ପାତ୍ର ଓ ଏସ୍.ସୁବୁ କହିଛନ୍ତି । ଯଦି ଧାନମଣ୍ଡି ନ ଖୋଲାଯାଏ ଏବଂ ବାରହା ନଷ୍ଟ କରିଥିବା ଧାନର ସହାୟତା ରାଶି ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷରେ ବାରହା ଧାନନଷ୍ଟ କରିଥିବା ସୂଚନା ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବନବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀ ପରିଦର୍ଶନ କି ନିରୀକ୍ଷଣ କରିନଥିବା ଯୋଗୁଁ ଚାଷୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି ।

# ଏମ୍‌କେସିଜିର ଭିତ୍ତିଭୂମି ବିକାଶ ପ୍ରକଳ୍ପ ଅଟକଳ ୧୭ଶହ କୋଟିକୁ ବୃଦ୍ଧି

ବ୍ରହ୍ମପୁର,୮।୧(ସମିସ)

ଦକ୍ଷିଣ ଓଡ଼ିଶାର ଏକମାତ୍ର ସରକାରୀ ରେଫେରାଲ ହସ୍ପିଟାଲ ବ୍ରହ୍ମପୁରର ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ। ଏଠାରେ ରୋଗୀଙ୍କୁ ଉନ୍ନତ ତଥା ଅତ୍ୟାଧୁନିକ ଚିକିତ୍ସାସେବା ଯୋଗାଇବା ପାଇଁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ବ ସରକାର ଅମଳରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବହୁ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ସହିତ ଭିତ୍ତିଭୂମିର ବିକାଶ ପାଇଁ ପ୍ରାୟ ୧ହଜାର କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଥିଲା। ଇତି ମଧ୍ୟରେ ସରକାର ବଦଳିବା ସହିତ ବିଳମ୍ବ ଯୋଗୁ ପ୍ରକଳ୍ପର ବ୍ୟୟ ଅଟକଳ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଇତି ମଧ୍ୟରେ ରାଜ୍ୟର ବିଭିନ୍ନ ମେଡ଼ିକାଲ କ୍ୟାମ୍ପସରେ ହେଲି ଫିଲ୍ଡ ପ୍ରତିଷ୍ଠା କରି ଗୁରୁତର ରୋଗୀଙ୍କୁ ଏୟାର ଲିଫ୍ଟ କରି ଏମ୍ସ ଭୁବନେଶ୍ୱରକୁ ସ୍ଥାନାନ୍ତର ଯୋଜନା ଯେଭଳି ନାଲି ଫିତା ତଳେ ଚାପି ହୋଇଯାଇଛି। ୧ହଜାର କୋଟିର ବ୍ୟୟ ଅଟକଳ ବର୍ତ୍ତମାନ ୧୭ଶହ କୋଟିକୁ ବୃଦ୍ଧି କରାଯାଇ କିଛି ନୂତନ ଯୋଜନା କରାଯାଇଥିବା ଜଣାପଡ଼ିଛି।

- ଦିଲ୍ଲୀର ଘରୋଇ ସଂସ୍ଥା ଦେଉଛି ପ୍ଲାନ, ଓବିସିସି ହାତରେ ନିର୍ମାଣ ଦାୟିତ୍ୱ
- ନାଲି ଫିତା ତଳେ ପ୍ରସ୍ତାବିତ 'ହେଲି ଫିଲ୍ଡ' ଓ 'ଏୟାର ଲିଫ୍ଟ' ଯୋଜନା

ଏଥିପାଇଁ ନୂଆଦିଲ୍ଲୀର ଏକ ଘରୋଇ ସଂସ୍ଥା ପ୍ଲାନ୍ ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ପୂର୍ବ ଯୋଜନା ମୁତାବକ ପ୍ଲାନକୁ କାର୍ଯ୍ୟକାରୀ କରିବାରେ ପୁରୁଣା ଇନ୍‌ଡୋର କୋଠାର ଉଚ୍ଛେଦ ବାଧକ ସାଜିଥିଲା। ବର୍ତ୍ତମାନ ଉକ୍ତ ସମସ୍ୟାର ସମାଧାନ ହେବାପରେ ପ୍ଲାନରେ ପରିବର୍ତ୍ତନ କରାଯାଇଥିବା ଜଣାପଡିଛି। ପୁରୁଣା ଇନ୍‌ଡୋର କୋଠା ଜମି ଯାହା ପ୍ରାୟ ୮୦ହଜାର ବର୍ଗଫୁଟ ଅଞ୍ଚଳରେ ରହିଛି ସେଠାରେ ୯ମହଲା ବିଶିଷ୍ଟ କୋଠା ନିର୍ମାଣ ହେବ ଯେଉଁଠି ଓପିଡି, ବର୍ହିଚିକିତ୍ସା ବିଭାଗ, ଆଶୁଚିକିତ୍ସା ବା କାଜୁଆଲଟି, ଆଞ୍ଚଳିକ ନିଦାନ କେନ୍ଦ୍ର ବା ଆରଡିସି, ୪ଶହ ଶଯ୍ୟା ବିଶିଷ୍ଟ ଭେଷଜ ବିଭାଗ, ଶହେ ଶଯ୍ୟା ବିଶିଷ୍ଟ ଚକ୍ଷୁ ବିଭାଗ, ୫୦ ଶଯ୍ୟା ବିଶିଷ୍ଟ ଯକ୍ଷ୍ମାରୋଗ ବିଭାଗ, ଅଧିକ୍ଷକଙ୍କ କାର୍ଯ୍ୟାଳୟ, ରୋଗୀଙ୍କ ଖାଦ୍ୟ ପ୍ରସ୍ତୁତି, ଘରୋଇ ସୁରକ୍ଷା, ଗୋଦାମ ଓ ବର୍ଣ୍ଣ ୟୁନିଟ ଆଦିକୁ ଗୋଟିଏ ସ୍ଥାନରେ ସ୍ଥାନିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥି ସହିତ ମେଡିକାଲ କ୍ୟାମ୍ପସରେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ଦୁଇଟି ହଷ୍ଟେଲ, ଇନ୍‌ଡୋର ଷ୍ଟାଡିୟମ, ଷ୍ଟାଫ୍ କ୍ୱାର୍ଟର୍ସ ଭଳି ବିଭିନ୍ନ ଯୋଜନା ରହିଥିବା ଜଣାପଡିଛି। ଏସବୁ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ତଥା ପରିବର୍ତ୍ତିତ ପ୍ଲାନ୍ ଦିଲ୍ଲୀର ଏକ ଘରୋଇ ସଂସ୍ଥାକୁ ଦିଆଯାଇଥିବା ବେଳେ ଓବିସିସି ଲିମିଟେଡ ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କରିବ ବୋଲି ଜଣାପଡିଛି। ତେବେ ପୂର୍ବ ସରକାର ଅମଳରେ ରାଜ୍ୟର ୩ଟି ପ୍ରମୁଖ ସରକାରୀ ହସ୍ପିଟାଲ ସହିତ ଭୁବନେଶ୍ୱର ଏମ୍ସ ସହିତ ଆକାଶ ମାର୍ଗରେ ସଂଯୋଗ କରି ଗୁରୁତର ରୋଗୀଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ଏହି ଯୋଜନା ବର୍ତ୍ତମାନ ସ୍ଥିତିରେ ସ୍ଥାଣୁ ପାଲଟି ଯାଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ସରକାରୀ ହସ୍ପିଟାଲରେ ଏୟାର ଫିଲ୍ଡ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଥିଲେ ହେଁ ସେଥିପାଇଁ ସ୍ୱତନ୍ତ୍ର ବଜେଟ କିମ୍ବା ଆନୁସଙ୍ଗିକ ପ୍ରସ୍ତାବ ନଥିବା ଭଳି ମନେ ହେଉଛି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ସୋରଡ଼ା,୮।୧(ସମିସ): ବିଭୂତିଆ ବଣରେ ବାଇକ୍ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଖାରିଗୁଡା ଗ୍ରାମର ଶତ୍ରୁଘ୍ନ ଗୌଡ଼ଙ୍କ ପୁଅ ରିଙ୍କୁ ଗୌଡ଼। ଖାରିଗୁଡା ଗ୍ରାମର କୁନା ଗୌଡ ଗୁରୁତର ହୋଇଛନ୍ତି। ଉଭୟ ଆସିକାରୁ କାମ ସାରି ସୋରଡ଼ା ହୋଇ ନିଜ ଗ୍ରାମକୁ ଫେରୁଥିବା ବେଳେ ବିଭୂତିଆ ବଣ ବୁଲାଣି ରାସ୍ତାରେ ଭାରସ୍ୟାମ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକ ଉଭୟଙ୍କୁ ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ରିଙ୍କୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ସେହିପରି ସୋରଡ଼ା ଥାନା ପିପଳପଙ୍କା ବ୍ରିଜ୍‌ରେ ବାଇକ୍ ପିଟି ହୋଇ ଜଣେ ଗୁରୁତର ହୋଇଥିବାବେଳେ ୨ଜଣ ଆହତ ହୋଇଛନ୍ତି। ଗୁରୁତର ଜଣକ ହେଲେ ବଡ଼ଗୋଛା ଗ୍ରାମର ଦୁର୍ଗାମାଧବ ନାୟକ(୧୮)। ଆହତ ଦ୍ୱୟ ହେଲେ ଶିବା ନାୟକ, ସୁବଳ ନାୟକ। ଅସୁରବନ୍ଧରୁ ଗୋଟିଏ ବାଇକ୍‌ରେ ତିନି ଜଣ ନିଜ ଗ୍ରାମ ବଡ଼ଗୋଛାକୁ ଫେରୁଥିବା ବେଳେ ଭାରସ୍ୟାମ ହରାଇ ବ୍ରିଜ୍‌ରେ ବାଇକ୍ ପିଟି ହୋଇଥିଲେ। ସ୍ଥାନୀୟ ଲୋକ ତିନି ଜଣଙ୍କୁ ଉଦ୍ଧାର କରି ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଦୁର୍ଗାମାଧବଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

## ଦାରିଙ୍ଗବାଡ଼ିରେ ହାଡ଼ଭଙ୍ଗା ଶୀତ

ଦାରିଙ୍ଗବାଡ଼ି,୮।୧(ସମିସ): ଓଡିଶାର କାଶ୍ମୀର ଦାରିଙ୍ଗବାଡ଼ିରେ ପ୍ରବଳ ଶୀତ ଅନୁଭୂତ ହେଉଛି। ଦିନ ୧୦ଟା ପର୍ଯ୍ୟନ୍ତ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଅପରାହ୍ନ ୪ଟାରୁ ମାଡ଼ିଆସୁଛି ଘନ କୁହୁଡ଼ି ସହ ଶୀତ। ଆଭ୍ୟନ୍ତର ଇଲାକାରେ ଅଧିକ ଶୀତ ଅନୁଭୂତ ହେଉଛି। ତେଣୁ ତାପମାତ୍ରା ସେହି ଅଞ୍ଚଳରେ ଆହୁରି କମ ଥିବା ଅନୁମାନ କରାଯାଉଛି। ଶୀତ ଯୋଗୁ ଗାଁ ଗହଳିର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ଫଳରେ ଦାରିଙ୍ଗବାଡ଼ିକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ପର୍ଯ୍ୟଟକଙ୍କ ସମାଗମ ସହ ଭୋଜିଭାତର ଆସର ଜମୁଛି ଡୁଲୁରି ପାଇନ୍ ବଣ, ଲଭର୍ସ ପଏଣ୍ଟ ସମେତ ଦାରିଙ୍ଗବାଡ଼ି ଅଞ୍ଚଳର ବିଭିନ୍ନ ପିକନିକ ସ୍ଥଳରେ।

## ସାମ୍ବାଦିକାଙ୍କ ବିୟୋଗରେ ଶୋକସଭା

ଛତ୍ରପୁର,୮।୧(ସମିସ): ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ନେଇ ଛତ୍ରପୁର ପ୍ରେସ କ୍ଲବର କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ୍ ସଭାପତି ସରୋଜ କୁମାର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ସଭାରେ ସମସ୍ତ ସାମ୍ବାଦିକ ଦୁଇ ମିନିଟ ନିରବ ପ୍ରାର୍ଥନା କରି ଦିବଂଗତ ଆତ୍ମାର ସଦଗତି କାମନା କରିଥିଲେ। ଏଥି ସହିତ ମୃତ ସାମ୍ବାଦିକାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ସରକାରଙ୍କୁ ଦାବି କରାଯାଇଥିଲା। କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା



ପାରଳାଖେମୁଣ୍ଡି,୮।୧(ସମିସ) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରେ ଆଞ୍ଚଳିକ ପରିବହନ ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ଜାତୀୟ ସଡକ ସୁରକ୍ଷା ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରାକୁ ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗା ଏବଂ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ନଗର ପରିକ୍ରମା କରି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ନିମନ୍ତେ ସଚେତନତା କରିଥିଲା। ମୁଖ୍ୟତଃ ହେଲମେଟ ବ୍ୟବହାର କରିବା,ଦ୍ରୁତ ବେଗରେ ଗାଡ଼ି ଚାଳନା ନକରିବା, ଟ୍ରାଫିକ ନିୟମ ପାଳନ କରିବା, ଚାରିଚକିଆ ଗାଡିରେ ସିଟ ବେଲ୍ଟ ବ୍ୟବହାର କରିବା, ମଦ୍ୟପାନ କରି ଗାଡ଼ି ଚଳାଇବା ନାହିଁ, ଗାଡ଼ି ଚଳାଇବା ବେଳେ ମୋବାଇଲରେ କଥା ହେବା ନାହିଁ ଏହି ପରି ଅନେକ ସଚେତନତା ବାର୍ତ୍ତା କୁ ନେଇ ପ୍ଲାକାର୍ଡ, ପ୍ରଚାରପତ୍ର ଓ ସ୍ଲୋଗାନ ମାଧ୍ୟମରେ ସଚେତନତା କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରସନ୍ନ କୁମାର ଦାସ ପରିଚାଳନା କରିଥିବା ବେଳେ ବିଭାଗୀୟ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ପଦଯାତ୍ରାରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୁପତି ଉପସ୍ଥିତ ଥିଲେ।

## ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା



ଦିଗପହଣ୍ଡି,୮।୧(ସମିସ): ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ସଭା ଗୃହରେ ବୁଧବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ହୃଦୟ ରଞ୍ଜନ ମେକାପ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବେ ନିଯୁକ୍ତ ସରକାରୀ ଓକିଲ ପରେଶ ଚନ୍ଦ୍ର ରଥ, ହେମନ୍ତ କୁମାର ପାଣିଗ୍ରାହୀ, ସନ୍ତୋଷ କୁମାର ସାହୁ, ସୀମାଞ୍ଚଳ ପ୍ରଧାନ, ସୁରେଶ ଚନ୍ଦ୍ର ସାହୁ ଏବଂ ବିଜୟ କୁମାର ପ୍ରଧାନ ନିଜ ନିଜର କାର୍ଯ୍ୟରେ ଯୋଗ ଦେବା ପରେ ସଂଘ ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବରୁ ଦୀର୍ଘଦିନ ଧରି ସରକାରୀ ଓକିଲ ଦାୟିତ୍ୱ ନିର୍ବାହ କରିଥିବା ନକୁଳ ପ୍ରଧାନ, ମନୋରଞ୍ଜନ ପଣ୍ଡା ଏବଂ ସତ୍ୟ ନାରାୟଣ ରଥଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କୋର୍ଟରେ ସରକାରୀ ପକ୍ଷ ରଖିବା ସମୟରେ ସାମାଜିକ ଆବଶ୍ୟକତା ପ୍ରତି ଦୃଷ୍ଟି ନିବଦ୍ଧ ରଖି ନ୍ୟାୟୋଚିତ ପଦକ୍ଷେପ ଗ୍ରହଣ କରିବାକୁ ସଭାରେ ମତ ପ୍ରକାଶ ପାଇଥିଲା। ସଂଘ ସମ୍ପାଦକ ପ୍ରଦୀପ କୁମାର ନାୟକ, ପ୍ରାକ୍ତନ ସଭାପତି ପ୍ରଭାକର ରାଉତ, ରସାନନ୍ଦ ରାଉତ, ହରପ୍ରସାଦ ରଥଙ୍କ ସମେତ ଚନ୍ଦ୍ରଧ୍ୱଜ ସିଂହ, ରତ୍ନାକର ମେକାପ, ଅଶେଷ ନାଥ ମିଶ୍ର, ପ୍ରିୟରଞ୍ଜନ ପଟ୍ଟନାୟକ, ପ୍ରହ୍ଲାଦ ପ୍ରଧାନ, ଗିରିଜା ନନ୍ଦନ ମେକାପ, ଟୁକୁନା ପ୍ରଧାନ, କିଶୋର ଚନ୍ଦ୍ର ଗୌଡ଼, ନୀଳାମ୍ବର ମହାପାତ୍ର, ସଚ୍ଚିକାନ୍ତ ରଥ ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ଖାଲଖମାରେ ଭର୍ତ୍ତି ତିରିଡ଼ା ରାସ୍ତା; ସାଧାରଣ ଲୋକେ ହୀନସ୍ତା

କୋଦଳା,୮।୧(ସମିସ): ବେଗୁନିଆପଡା ବ୍ଲକର ନାକତଳେ ରହିଛି ଖଣ୍ଡିଆନଇ ପଞ୍ଚାୟତ। ପଞ୍ଚାୟତର ଗ୍ରାମ ଗୁଡିକୁ ଗୋଟିଏ ରାସ୍ତା ହିଁ ଯୋଡିହୋଇଛି। ରାସ୍ତା ଶୋଚନୀୟ ହୋଇଥିବାରୁ ଦୈନିକ ଏହି ରାସ୍ତାରେ କିଛି ନା କିଛି ଦୁର୍ଘଟଣା ଘଟୁଛି। ଧୂଳି ଧୂସରରେ ପୋତି ହେଉଛନ୍ତି ଲୋକେ। ବେଗୁନିଆପଡ଼ା ଥାନା ଠାରୁ ତିରିଡା ଦେଇ ବିରିବାଟିଆକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ରାସ୍ତା। ଏ ରାସ୍ତା ଏତେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ଯେ ଯାତ୍ରୀ ଯିବାକୁ ଡରୁଛନ୍ତି। ପୂର୍ବ ସରକାର ଅମଳରୁ ମରଣଯନ୍ତା ପାଲଟିଥିବା ଆରଡ଼ି ରାସ୍ତା ନୂଆ ସରକାର ଆସିବା ପରେ ବି ସେମିତି ହିଁ ରହିଛି। ଲୋକେ ଆଶା କରିଥିଲେ, ନୂଆଁ ସରକାର ଆସିବା ପରେ, ଅନ୍ତତଃ ପକ୍ଷେ ଭଲ ରାସ୍ତାଟିଏ ପାଇବେ। ହେଲେ ଯଥା ପୂର୍ବଂ ତଥା ପରଂ। ବଡ଼ ବଡ଼ ଖାଲଖମାରେ ପରିପୂର୍ଣ୍ଣ ଏହି ରାସ୍ତାରେ ଏବେ ଗୋଡି ମାଟି ହିଁ ଦିଶୁଛି। ତେବେ ଆଶ୍ଚର୍ଯ୍ୟର କଥା ଏ ସମସ୍ୟାର ସମାଧାନ ପାଇଁ ବାରମ୍ବାର ନେତା ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଉଛନ୍ତି ସ୍ଥାନୀୟ ଲୋକେ। କିନ୍ତୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଏହି ଅଞ୍ଚଳରେ ଏବେ ଅସନ୍ତୋଷ ଦାନା ବାନ୍ଧୁଛି। ବେଗୁନିଆପଡ଼ା ଠାରୁ ତିରିଡା ଦେଇ ବିରିବାଟିଆକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଏବେ ଏଭଳି ହୋଇଛି ଯେ ଆପଣ ନଦେଖିଲେ ବିଶ୍ୱାସ କରି ପାରିବେନି।



ରାସ୍ତା ଅବସ୍ଥାକୁ ନେଇ ବିଧାୟକ ପ୍ରତାପ ନାୟକଙ୍କୁ ବାରମ୍ବାର ଅଭିଯୋଗ ହୋଇଛି। ତାଙ୍କ କହିବା କଥା ରାସ୍ତା ପାଇଁ ଟେଣ୍ଡର ସରିଛି। ଠିକାଦାର କାମ ଆରମ୍ଭ କରିଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ଦୀର୍ଘ ମାସ ପୂର୍ବରୁ ଠିକାଦାର କେବଳ କଂକ୍ରିଟ କାମ ସାରିଦେଇ ଚୁପ୍ ବସିଛନ୍ତି। ଠିକାଦାର କହୁଛନ୍ତି ଫଣ୍ଡରେ ଟଙ୍କା ନାହିଁ। ଏଣୁ କାମ କରିପାରୁନୁ। ସେପଟେ ବିଭାଗୀୟ ଏସଡିଓ କହୁଛନ୍ତି ରାସ୍ତାରେ ଭାରୀଯାନ ଯିବାରୁ ରାସ୍ତା ଖରାପ ହେଉଛି ଭାରୀଯାନ ଚଳାଚଳ ବନ୍ଦ କଲେ ରାସ୍ତା କାମ ହେବ। ଏସବୁ ଭିତରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଲୋକଙ୍କ ସମସ୍ୟାର ସମାଧାନ ପାଇଁ କାହାରି ନିଘା ନାହିଁ। ଏବେ ଦେଖିବାକୁ ରହିଲା ରାସ୍ତା କାମ କେବେ ହେଉଛି। ଏହାକୁ ନେଇ ଗ୍ରାମ ଉନ୍ନୟନ ବିଭାଗ ଏସଡ଼ିଓଭି ଶଙ୍କର ରାଓଙ୍କୁ ପଚାରିବାରୁ ସେ କହିଛନ୍ତି, କାମ ଆରମ୍ଭ ହୋଇ କଂକ୍ରିଟ କାମ ସରିଯାଇଛି, ସେହି ରାସ୍ତା ଦେଇ ମୋରମ ଚାଲାଣ ହେଉଥିବାରୁ ରାସ୍ତାର ଅବସ୍ଥା ଏମିତି ହେଉଛି। ଅନ୍ୟପଟେ ରାସ୍ତା ତୁରନ୍ତ ତିଆରି ନହେଲେ ୫ଟି ଗ୍ରାମର ଲୋକେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

## ବିଜେଡ଼ି ପକ୍ଷରୁ କର୍ମୀ ସମାବେଶ



ଦିଗପହଣ୍ଡି,୮।୧(ସମିସ): ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ବି. ତୁରୁବୁଡ଼ି ପଞ୍ଚାୟତ ମରେଇବାଡ଼ି ଗାଁ ମା' ଖେମୁଣ୍ଡି କାଲୁଆ ଶକ୍ତିପୀଠରେ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟରେ ଭାଜପା ସରକାର ଗଠନ କରିବା ପରେ ଅର୍ଥନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ନାରୀଙ୍କୁ ସୁରକ୍ଷା ଏବଂ ନ୍ୟାୟ ଦେବାରେ ବିଫଳ ହେବାସହ ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ଆଡ଼କୁ ଗତି କରୁଥିବା ନେଇ ସମାବେଶରେ ବର୍ଷିଥିଲେ। ପୁଣିଥରେ ବିଜେଡି କର୍ମୀମାନେ ଗାଁ ଗାଁରେ ଭାଇଚାରା ସୃଷ୍ଟି କରି ସମଗ୍ର ନିର୍ବାଚନ ମଣ୍ଡଳୀରେ ଏକତ୍ରିତ ଭାବେ ସାଧାରଣ ଜନତାଙ୍କ କାମ କରିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାତ ମୁଠାକୁ ଟାଣ କରିବା ଏବଂ ବିଜେଡ଼ିକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ଦିଗପହଣ୍ଡିର ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଭି. ରବିନାରାୟଣ ରାଜୁ , ହୃଦୟରଞ୍ଜନ ମେକାପ, ପୂର୍ବତନ କାଉନ୍‌ସିଲର ତଥା ମହିଳା ବିଜେଡି ଜିଲା ଉପସଭାନେତ୍ରୀ ନିରୁପମା ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ଼, ଅନୁସୁୟା ରେଡ୍ଡୀ, କାଉନସିଲର ନୀଳମାଧବ ଗୌଡ଼,ପୂର୍ବତନ ସମିତି ସଭ୍ୟ ମାଧବ ରାଓ, ଡ଼ା. ପ୍ରଫୁଲ୍ଲ ପ୍ରଧାନ, ପ୍ରକାଶ ବେହେରା, ସିମାଦ୍ରୀ ପାତ୍ର , ଅନୀତା ବେହେରା , ଉମା ମହେଶ୍ୱରୀ ସେଠୀ , ପ୍ରହ୍ଲାଦ ଭୂୟାଁ , ସୁନୀଲ ବିଷୋୟୀ , ସୁନୀଲ ଗୌଡ଼, ଗଣେଶ ରେଡ୍ଡୀ, ନକୁଳ ପ୍ରଧାନ, ଶିଶିର ପ୍ରଧାନ, ଜଗନ୍ନାଥ ପ୍ରଧାନ, ବିପ୍ଳବ ମିଶ୍ର, ସନ୍ତୋଷ ରାଉତ, ରାମକୃଷ୍ଣ ସାହୁ, ଶିବାନୀ ସେଠୀ, ରବି ପାତ୍ର, କିଶୋର ପାତ୍ର, ପ୍ରିୟମ୍ବଦା ପାଢ଼ୀ, ଶଙ୍କର ପାଣିଗ୍ରାହୀଙ୍କ ସମେତ ସହସ୍ରାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଦିଗପହଣ୍ଡିରେ ଧାନମଣ୍ଡି ଉଦଘାଟିତ

ଦିଗପହଣ୍ଡି,୮।୧(ସମିସ): ଦିଗପହଣ୍ଡି ପ୍ରାଥମିକ ସେବା ସମବାୟ ସମିତି ପରିସରରେ ଗୁରୁବାର ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ସମବାୟ ସମ୍ପାଦକ ସୁରେଶ କୁମାର ନନ୍ଦଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମବାୟ ସଭାପତି ପ୍ରମୋଦ କୁମାର ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଧାନମଣ୍ଡିକୁ ଉଦଘାଟନ କରିଥିଲେ। ବଜାର ନିୟନ୍ତ୍ରିତ କମିଟି କାର୍ଯ୍ୟାଳୟ ଟେକ୍ନିସିୟାନ ସ୍ୱାଗତିକା ମହାପାତ୍ର, ଚାଷୀ ରାମଚନ୍ଦ୍ର ପୂଜାରୀ, ପଦ୍ମଚରଣ ମେକାପ, ଏମ. ବାଇନାଥ, ପି.ଶିବଶଙ୍କର, ଦେବୀ ପ୍ରସାଦ ରଥ, ଏନ. ତ୍ରିନାଥ, ଗୌରଚନ୍ଦ୍ର ପୂଜାରୀ, ପି. ହରି ପ୍ରମୁଖ ବହୁ ସଂଖ୍ୟକ ଚାଷୀ ଏବଂ ମିଲର ଗୌରାଙ୍ଗ ସାହୁ, ଭି. ରାମନାଥ ରାଜୁ,ସିଏଚ. ତ୍ରିପତି ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୫ ଚାଷୀଙ୍କ ଠାରୁ ୨୧୫ କ୍ୱିଣ୍ଟାଲ ୭୫ କେଜି ଧାନ କ୍ରୟ କରାଯାଇଥିଲା। ସେହିପରି ଦିଗପହଣ୍ଡି ବ୍ଲକ ବଡ଼ଡୁମୁଳା ଗ୍ରାମ ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ସମ୍ପାଦକ ଶେଷକାନ୍ତ ଜାନି ଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଗୀତାଞ୍ଜଳି ଜାନି ମୁଖ୍ୟଅତିଥି ଭାବେ ଯୋଗଦେଇ ଧାନମଣ୍ଡିକୁ ଉଦଘାଟନ କରିଥିଲେ। ସମବାୟ ସଭାପତି ଦାମୋଦର ଦଳାଇ, ସମିତି ସଭ୍ୟ ରମେଶ



ଚନ୍ଦ୍ର ପାଢ଼ୀ, ପୂର୍ବତନ ସରପଞ୍ଚ ଉପେନ୍ଦ୍ର ପ୍ରଧାନ, ଲଡୁ କିଶୋର ସ୍ୱାଇଁ, ହରିକୃଷ୍ଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୋଟିନଡ଼ା ସମବାୟ ସମିତି ପକ୍ଷରୁ ଧାନମଣ୍ଡିକୁ ସରପଞ୍ଚ ଗୀତାଞ୍ଜଳି ବେହେରା ଉଦଘାଟନ କରିଥିଲେ। ବ୍ଲକ ମାର୍କେଟିଂ ଇନ୍ସପେକ୍ଟର ବ୍ରଜେଶ ରୟ, ସରପଞ୍ଚ ପ୍ରତିନିଧି ଉମାକାନ୍ତ ବିଷୋୟୀ, ମଣ୍ଡି ପର୍ଯ୍ୟବେକ୍ଷିକା ତିଳୋତ୍ତମା ଦୋରା, ନୋଡାଲ ଅଧିକାରୀ କାହ୍ନୁ ଚରଣ ମହାଙ୍କୁଡ଼, ମିଲର କୈଳାସ ଚନ୍ଦ୍ର ପଣ୍ଡା, ଗୋପୀଚାନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ ହାଇସ୍କୁଲର ବାର୍ଷିକ ଉତ୍ସବ



ବେଲଗୁଣ୍ଠା,୮।୧(ସମିସ): ବେଲଗୁଣ୍ଠା ବ୍ଲକ ଖଇରପୁଟି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରଥ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସତ୍ୟବାନ ସ୍ୱାଇଁ, ସମିତିସଭ୍ୟା ଶାନ୍ତି ବେହେରା, ଯୁବ ସମାଜସେବୀ ତଥା ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ଖଇରପୁଟି ଗ୍ରାମ୍ୟ ପରିଚାଳନା କମିଟି ସଭାପତି ପ୍ରମୋଦ ସ୍ୱାଇଁ, ଗାଙ୍ଗପୁର ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ତନରଡା ଆର୍ଯ୍ୟକନ୍ୟା ଗୁରୁକୁଳ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସେଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଦ୍ରି ପ୍ରସାଦ ତ୍ରିପାଠୀ, ରମେଶ ଚନ୍ଦ୍ର ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ମିଶ୍ର ଏବଂ ଡାକ୍ତର ବିଜୟ କୁମାର ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ରାଜେଶ୍ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଧରାକୋଟ କଲେଜର ବାର୍ଷିକ ଉତ୍ସବ

ଧରାକୋଟ,୮।୧(ସମିସ): ଧରାକୋଟ ସ୍ଥିତ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଅକ୍ଷୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଏହାକୁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ସିଏଚ୍‌ଏସ୍‌ଇ ଯୁଗ୍ମ ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ, ମୁଖ୍ୟବକ୍ତା ଭାବେ ଉପସଚିବ



ପ୍ରଦୀପ୍ତ କୁମାର ସା, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରଧାନ ଟୁଲି ଆମା, ବିଡିଓ ସଂଗ୍ରାମ କେଶରୀ ଜେନା, ତହସିଲଦାର ଲମ୍ବୋଦର ମାରାଣ୍ଡି, ପିସିଏମ୍ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସଂଯୁକ୍ତା ପଣ୍ଡା, ସିଆରସିସି ଜଗନ୍ନାଥ ପଡ଼ିହାରି ପ୍ରମୁଖ ଉପସ୍ଥିତ ରହିଥିଲେ। ଅଧ୍ୟାପକ ବଳରାମ ସ୍ୱାଇଁ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପିକା ରାଜଶ୍ରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା କ୍ଷୀରାବ୍ଦି ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଆଶାଞ୍ଜଳି ଦଳାଇ, ଶୁଭସ୍ମିତା ନାୟକ, ପୂର୍ଣ୍ଣଚନ୍ଦ୍ର ଦାସ, ଗୋପାଳକୃଷ୍ଣ ପଣ୍ଡା, ସନ୍ଦୀପ ପଟ୍ଟନାୟକ, ଦୀଲିପ ମହାନ୍ତି, ଅଶୋକ ଦାସ, ହୃଷୀକେଶ ବେହେରା ଓ କୃଷ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

## ଆପି ପକ୍ଷରୁ ଏମକେସିଜିରେ ଏଚ୍‌ପିଭି ଟିକାକରଣ ଡ୍ରାଇଭର ଶୁଭାରମ୍ଭ

ବ୍ରହ୍ମପୁର,୭।୧(ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଗ୍ରୀବା କର୍କଟ ସଚେତନତା କାର୍ଯ୍ୟକ୍ରମ ଅଧୀନରେ ହ୍ୟୁମାନ ପପିଲୋମାଭାଇରସ ଭେକ୍ସିନ(ଏଚ୍‌ପିଭି) ଟିକାକରଣ ଡ୍ରାଇର ଶୁଭାରମ୍ଭ ହୋଇଛି। ଆମେରିକାନ ଆସୋସିଏସନ ଅଫ୍ ଫିଜିସିଆନ୍ସ ଅଫ ଇଣ୍ଡିଆନ ଓରିଜିନ(ଆପି)ର ଗ୍ଲୋବାଲ ସମିଟ୍ ଓଡ଼ିଶାରେ ଜାରି ରହିଥିବା ବେଳେ ଏହାରି ଅଧିନରେ ଆମେରିକାରେ ରହୁଥିବା ୯୩ଜଣ ଭାରତୀୟ ଡାକ୍ତର ଓଡ଼ିଶା ଭ୍ରମଣରେ ଆସିଛନ୍ତି। ଏହି ଅବସରରେ ଆପି ପକ୍ଷରୁ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆପି ଗ୍ରୀବା କର୍କଟ ଟିକାକରଣ ଡ୍ରାଇଭ ଓଡ଼ିଶାର ସଂଯୋଜିକା ଡା. ଭାରତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଆପିର ସଭାପତି ଡା. ଅମିତ ଚକ୍ରବର୍ତ୍ତୀ, ଆପି




ଗ୍ରୀବା କର୍କଟ ଟୀକାକରଣ ଡ୍ରାଇଭର ଅଧ୍ୟକ୍ଷା ଡା. ମେହର ମେଦାଭରମ, ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ ଓ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗା ମାଧବ ଶତପଥି ପ୍ରମୁଖ ଯୋଗ ଦେଇଥିଲେ। ଦେଶରୁ ଦୂରରେ ରହି ମଧ୍ୟ ନିଜ ଜନ୍ମ ମାଟିର ଲୋକଙ୍କୁ ନଭୁଲିବା ସମେତ ସେମାନଙ୍କୁ ମଧ୍ୟ ସ୍ୱାସ୍ଥ୍ୟ ସେବା ଯୋଗାଇବା ବ୍ୟବସ୍ଥା କରାଇବା ଏଭଳି ପଦକ୍ଷେ ପ୍ରଶଂସା ଯୋଗ୍ୟ ଏବଂ ସେମାନଙ୍କ ଏହି ପ୍ରଚେଷ୍ଟା ଆମ ସଭ୍ୟଙ୍କୁ ପ୍ରେରଣା ଦେବ ବୋଲି ଡା. ସୁଚିତ୍ରା ଦାଶ କହିଛନ୍ତି। ଗର୍ଭଗୃହ ମୁଖରେ ହେଉଥିବା ସର୍ଭାଇକାଲ କ୍ୟାନ୍ସର ପ୍ରତିରୋଧ ନିମନ୍ତେ ଏହି ଟିକା ପ୍ରଦାନ କରାଯାଉଛି। ୯ବର୍ଷରୁ ୨୯ବର୍ଷ ମହିଳା ଏବଂ ଯୁବତୀଙ୍କୁ ଏହି ଟିକା ପ୍ରଦାନ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ମୋଟ ୧୦୦ଜଣଙ୍କୁ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଆଗାମୀ ୩ବର୍ଷ ପର୍ଯ୍ୟନ୍ତ ଏହି ସେବା ଆପି ପକ୍ଷରୁ ପ୍ରଦାନ କରାଯିବ। ଏହି ସେବା ରାଜ୍ୟରେ ପ୍ରଥମଥର ବ୍ରହ୍ମପୁରରେ ଶୁଭାରମ୍ଭ ହୋଇଥିବା ବେଳେ ଖୁବଶୀଘ୍ର ତେଲେଙ୍ଗାନା ଓ ଗୁଜୁରାଟରେ ଆରମ୍ଭ ହେବ ବୋଲି ପ୍ରୋଜେକ୍ଟ ଅଧ୍ୟକ୍ଷା ଡା. ମେହର କହିଥିଲେ। କାର୍ଯ୍ୟକ୍ରମକୁ ଆନାଟୋମୀ ବିଭାଗ ମୁଖ୍ୟ ଡା. ଜେ ସାଗର ପୃଷ୍ଟି ସଂଯୋଜନା କରିଥିବା ବେଳେ ଡା. ସ୍ୱାତୀ ମିଶ୍ର ମଞ୍ଚ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



ଛତ୍ରପୁର,୮।୧(ସମିସ): ଛତ୍ରପୁର ବ୍ଲକ କେରାଣ୍ଡିତୋଳା ନାରାୟଣପୁର ବରିଷ୍ଠ ନାଗରିକ ମଞ୍ଚର ଭାଟକୁମରଡା ନିକଟସ୍ଥ ବାଇଧର ମନ୍ଦିର ପରିସରରେ ବାର୍ଷିକ ବଣଭୋଜି ପରିପ୍ରେକ୍ଷୀରେ ଅବସରପ୍ରାପ୍ତ ସେନା ବ୍ରିଗେଡ଼ିଏର ଡାକ୍ତର ଅରୁଣ କୁମାର ପାଢ଼ୀଙ୍କ ବଦାନ୍ୟତାରେ କମ୍ବଳ ବଣ୍ଟନ କରାଯାଇଛି। ମଞ୍ଚର ସଭାପତି ନରହରି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ମଞ୍ଚର ସଂଯୋଜକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା, ଉପଦେଷ୍ଟା କୋରା ମହାରଣା ଉପସ୍ଥିତ ଥିଲେ। ଟାଙ୍ଗଣାପଲ୍ଲୀ ସରପଞ୍ଚ ବି. ସୁଦାମ, ଭାଟକୁମରଡା ସମିତି ସଭ୍ୟ କୋରାନାଥ ସ୍ୱାଇଁ, ଅବସରପ୍ରାପ୍ତ ଡେପୁଟି କଲେକ୍ଟର ପ୍ରଦୀପ କୁମାର ମହାରଣା, ସମାଜସେବୀ ପ୍ରସନ୍ନ ସାହୁ ଯୋଗ ଦେଇଥିଲେ।

